ବର୍ଷ-୨୫, ସଂଖ୍ୟା-୧୫୧
ଭୁବନେଶ୍ୱର
୦୩, ଜୁନ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 151
Bhubaneswar
03, June, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଆଜି ଫାଇନାଲ

# ଭଦ୍ରକ ଜିଲ୍ଲାକୁ ୨୭୫ କୋଟିର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ

ଭଦ୍ରକ, ୨।୬(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭଦ୍ରକ ଜିଲ୍ଲାର ବାଲିଆପଡା ଠାରେ ପ୍ରାୟ ୨୭୫ କୋଟି ଟଙ୍କାର ସମୁଦାୟ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଭଦ୍ରକରେ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବହୁ ଦିନରୁ ଦାବି ଥିବା ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଖୁବ ଶୀଘ୍ର ଏହି ଜିଲ୍ଲାରେ ହେବ ଏବଂ ଏହା ସହିତ ଆଇଓସିଏଲ ପକ୍ଷରୁ ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ଓ ଏମସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଗୋଟିଏ ଏଚଏମଏଲଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହିତ, ଭଦ୍ରକରେ ଥିବା ସମସ୍ତ ଶହୀଦ ପୀଠ ମାନଙ୍କର ସୌନ୍ଦର୍ଯ୍ୟକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଆମର ସରକାର କ୍ଷମତାକୁ ଆସିବା ପରେ ବିପ୍ଳବୀ ମାଟି ଭଦ୍ରକରେ ଆଜି ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସାହାଯ୍ୟ ଓ ସମର୍ଥନ ଲୋଡିଥିଲୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ। ଏହି ଭାବନାକୁ ମନରେ ରଖି ଗତ ପ୍ରାୟ ଏକବର୍ଷ ହେଲା ଆମ ସରକାର ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟରତ। ଆମ ସରକାର ଆସିବାର ପ୍ରଥମ ଦିନରୁ ହିଁ ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଚାରିଗୋଟି ପ୍ରତିଶ୍ରୁତିକୁ ପାଳନ କରିଥିଲୁ। ମାତ୍ର ୨୪ ମିନିଟରେ ସୁଭଦ୍ରା ଯୋଜନା, ଚାଷୀଭାଇ ଓ ଭଉଣୀଙ୍କୁ ଧାନ କିଣା ବାବଦକୁ କୁଇଂଟାଲ ପିଛା ଅଧିକ ୮୦୦ ଟଙ୍କା ପ୍ରଦାନ, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲା ଏବଂ ପ୍ରଭୁଙ୍କ ସେବା ପୂଜା ପାଇଁ ୫୦୦ କୋଟି ଟାଙ୍କର କର୍ପସ ଫଣ୍ଡ ପରି ନିଷ୍ପତ୍ତି ନେଇଥିଲୁ।

ଏହି ୧୨ ମାସରେ ସରକାରର ସଫଳତାର ଫର୍ଦ୍ଦ ବହୁତ ଲମ୍ବା। ଏହାର ହିସାବ ଆମେ ଆସନ୍ତା ୧୨ ତାରିଖରେ ଜନତା ଜନାର୍ଦ୍ଦନଙ୍କୁ





ଦେବୁ। ଜୀବନ ଜୈବିକା ରାଜ୍ୟର ବିକାଶ ପାଇଁ ଅପରିହାର୍ଯ୍ୟ। କୃଷି ଓ ଆନୁଷଙ୍ଗିକ କୃଷି ତଥା ଶିଳ୍ପର ବିକାଶ ମଧ୍ୟମରେ ରାଜ୍ୟର ପ୍ରତିଟି ନାଗରିକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଆମର ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ବିରୋଧୀ ଦଳ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯେ କୌଣସି ସରକାରଙ୍କ ପ୍ରଥମ କର୍ତବ୍ୟ। ବିଶ୍ୱସ୍ତରୀୟ ସେବା ନାଁ ରେ ୨୪ ବର୍ଷର ଶାସନ କେବଳ ରଙ୍ଗମାରିବା ଏବଂ ନିଜର ବାଜା ବଜାଇବାରେ ଚାଲିଗଲା। କିନ୍ତୁ, ପ୍ରକୃତ ବିକାଶ ଏବେ ଆରମ୍ଭ ହୋଇଛି। ଆଗାମୀ କିଛି ବର୍ଷରେ ଓଡିଶାରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସଂପୂର୍ଣ୍ଣଭାବେ ବଦଳିବାକୁ ଯାଉଛି। ୫ଟିର ରଙ୍ଗମରା ଶିକ୍ଷା ନୁହେଁ, ବାସ୍ତବ ଅର୍ଥରେ ଓଡିଶାର ବିକାଶ ହେବ।

ଆମ ସରକାର ଉତ୍କର୍ଷ ଓଡ଼ିଶାର ମାତ୍ର ୧୨୦ ଦିନରେ ୮୦ ହଜାର କୋଟିରୁ ବି ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ଗତ ୨୨ ତାରିଖରେ ୧୦ ଗୋଟି ପ୍ରକଳ୍ପ ୧ ଲକ୍ଷ ୬୫ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ସରକାର ଦ୍ୱାରା ଆରମ୍ଭ କରଯାଇଥିବା ଓଡିଶାର ଶିଳ୍ପ ବିପ୍ଳବ ପ୍ରତି ଜିଲ୍ଲାରେ ଶିଳ୍ପାୟନ କରିବ। ଓଡିଶାରେ ଏବେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ମଧ ରହିଛି। ଏହି ଦୁଇଟି ପ୍ରକଳ୍ପ ଭଦ୍ରକ ଟେକ୍ସଟାଇଲ ପାର୍କରେ ପ୍ରତିଷ୍ଠା କରାଯିବ। ଗୋଟିଏ ହେଲା ଆଇଓସିଏଲ ପକ୍ଷରୁ ଭଦ୍ରକରେ ୪,୩୭୭ କୋଟି ଟଙ୍କା ବିନିଯୋଗ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ ଏବଂ ଏହା ଦ୍ୱାରା ପ୍ରାୟ ୪୩୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଏହା ସହିତ ୨୨୨୩.୨୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏମସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ମଧ ଭଦ୍ରକରେ ଗୋଟିଏ ଏଚଏମଏଲଏସ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରିବ। ଏହାଦ୍ୱାରା ୧୧୫୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେଯେ, ଭଦ୍ରକ ଜିଲ୍ଲାକୁ ମଧ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା। ଆଜି ଜିଲ୍ଲା ପାଇଁ ୨୭୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରାଗଲା । ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସହିତ ଏଥିରେ ରାସ୍ତା, କ୍ରୀଡା ଭିତିଭୂମି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଲାଇବ୍ରେରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ପାର୍କ ନିର୍ମାଣ ପ୍ରକଳ୍ପ ରହିଛି। ଭଦ୍ରକ ଜିଲ୍ଲାବାସୀଙ୍କ ସେବାରେ ଏ ସବୁ ପ୍ରକଳ୍ପ ଗୁଡିକ ଉଦ୍ଦିଷ୍ଟ।

ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଆମେ ଏକ 'ସମୃଦ୍ଧ ଓଡିଶା' ଗଠନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରଖିଛୁ। ସମୃଦ୍ଧ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଆମେ ପ୍ରତିବଦ୍ଧତାର ସହିତ ଏ ଦିଗରେ ପ୍ରୟାସ ଆରମ୍ଭ କରିଛୁ।

କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଭଦ୍ରକ ମାଟି ବୀରତ୍ୱର ମାଟି। ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି, ତାହା ଲୋକଙ୍କ ସରକାର ଙ୍କ ପ୍ରତିବଦ୍ଧତା ଦିଗରେ ସୂଚାଉଛି। ଏହି ଉନ୍ନତିମୂଳକ ପ୍ରକଳ୍ପ ସମସ୍ତ ଭଦ୍ରକବାସୀଙ୍କ ଦୃଢ଼ ସମର୍ଥନର ପ୍ରତିଫଳନ। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ସିମୁଳିଆ ବିଧାୟକପଦ୍ମଲୋଚନ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ୧୬ ନକ୍ସଲଙ୍କ ଆତ୍ମସମର୍ପଣ

ସୁକମା, ୨।୬(ମହାଭାରତ):ଛତିଶଗଡର ସୁକମାରେ ସୋମବାର ଦିନ ପୁଲିସ ଓ ସିଆରପିଏଫ ଅଧିକାରୀଙ୍କ ସମ୍ମୁଖରେ ପିଏଲଜିଏ ବ୍ୟାଟାଲିଅନର ଦୁଇଜଣ ହାର୍ଡକୋର୍ ନକ୍ସଲ ସହିତ ଅନ୍ୟ ଡିଭିଜନରେ କାର୍ଯ୍ୟରତ ମୋଟ ୧୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ଉପରେ ଛତିଶଗଡ ସରକାର ପକ୍ଷରୁ ମୋଟ ୨୫ ଲକ୍ଷ ଟଙ୍କାର ଇନାମ ଘୋଷଣା ହୋଇଥିଲା। ଏହି ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରୁ ଜଣେ ମହିଳା ଓ ଜଣେ ପୁରୁଷ ଉପରେ ୮-୮ ଲକ୍ଷ ଟଙ୍କା, ଗୋଟିଏ ପୁରୁଷ ଉପରେ ୩ ଲକ୍ଷ ଟଙ୍କା ଓ ତିନିଜଣ ପୁରୁଷ ଉପରେ ୨-୨ ଲକ୍ଷ ଟଙ୍କାର ଇନାମ ଘୋଷିତ ଥିଲା। ସୁକମା ଜିଲ୍ଲା ପୋଲିସ ଅଧିକ୍ଷକ କିରଣ ଚୌହାନ ଆତ୍ମସମର୍ପଣର ସ୍ୱୀକୃତି ଦେଇ କହିଛନ୍ତି ଯେ, ଏହି ଆତ୍ମସମର୍ପିତ ନକ୍ସଲମାନେ "ଛତିଶଗଡ ନକ୍ସଲବାଦ ଆତ୍ମସମର୍ପଣ ପୁନର୍ବାସ ନୀତି – ୨୦୨୫" ଅନୁଯାୟୀ ପ୍ରୋତ୍ସାହନ ରାଶି ସହିତ ଅନ୍ୟାନ୍ୟ ସୁବିଧା ଦିଆଯିବ।

## ରାଜ୍ୟରେ ଆସିବ ୩ ବର୍ଷିଆ ଅବକାରୀ ପଲିସି

ଭୁବନେଶ୍ୱର, ୨।୬(ମହାଭାରତ): ଖୁବ୍ ଶୀଘ୍ର ନୂଆ ମଦ ନୀତି ଆସିବା ନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହ ବେଳକୁ ନୂଆ ମଦ ନୀତି ଲାଗୁ ହେବ। ନୂଆ ମଦ ନୀତିରେ ନୂଆ ଦୋକାନ ଖୋଲିବ ନାହିଁ। ଅନ୍ୟ ରାଜ୍ୟର ମଦ ନୀତି ଅନୁଧ୍ୟାନ ପାଇଁ ୩ଟି ଟିମ୍ ଆନ୍ଧ୍ର, ରାଜସ୍ଥାନ, କେରଳ ଓ ତାମିଲନାଡୁ ଗସ୍ତ କରିବେ। ଆସନ୍ତା ୭ ଓ ୮ ତାରିଖ ବେଳକୁ ଫେରିବା ପରେ ପଲିସିରେ ଯାହା ବାକି ଅଛି ପରିବର୍ତ୍ତନ ହୋଇ ଲାଗୁ ହେବ। ଫଳରେ ବେଆଇନ ମଦ, ଦଣ୍ଡବିଧାନ ଓ ପୁରୁଣା ପଲିସିର ଅସୁବିଧା ଦୂର ହେବ। ସବୁ କଥାକୁ ଆଖି ଆଗରେ ରଖି ୩ ବର୍ଷିଆ ପଲିସି ହେବ ବୋଲି କହିଛନ୍ତି ମନ୍ତ୍ରୀ।

ରିପୋର୍ଟ ଅନୁସାରେ, ଏହି ନୀତି କୌଣସି ନୂଆ ମଦ ଦୋକାନ ଖୋଲିବାକୁ ଅନୁମତି ଦେବ ନାହିଁ। ଏହା ପୂର୍ବ ପଦ୍ଧତିଠାରୁ ଏକ ପ୍ରମୁଖ ପରିବର୍ତ୍ତନ ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା। ନୀତି



ଅଧ୍ୟୟନର ଅଂଶ ସ୍ୱରୂପ ବରିଷ୍ଠ ଅଧିକାରୀଙ୍କ ତିନିଟି ଦଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ପରିଦର୍ଶନ କରିବେ ଏହି ୪ ରାଜ୍ୟ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରଖିଛନ୍ତି।

ଏହି ଅଧ୍ୟୟନ ପରିଦର୍ଶନଗୁଡ଼ିକ ସଫଳ ନିୟାମକ ଅଭ୍ୟାସ, ପ୍ରବର୍ତ୍ତନ ମଡେଲ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ଅଧିକାରୀମାନେ ଜୁଲାଇ ୭ ଏବଂ ୮ ସୁଦ୍ଧା ଫେରି ଆସିବାର ଆଶା କରାଯାଉଛି।ଯାହା ପରେ ଡ୍ରାଫ୍ଟ ନୀତିରେ ଯେକୌଣସି ବିଚାରାଧୀନ ପରିବର୍ତ୍ତନକୁ ଚୂଡ଼ାନ୍ତ କରାଯିବ।ଏହି ନୀତି ବେଆଇନ୍ ମଦ ଉତ୍ପାଦନ ଏବଂ ଚୋରାଚାଲାଣ, ଦୁର୍ବଳ ପ୍ରବର୍ତ୍ତନ ଏବଂ ପୁରୁଣା ଦଣ୍ଡ ବ୍ୟବସ୍ଥା ଭଳି ସ୍ଥାୟୀ ସମସ୍ୟାଗୁଡ଼ିକର ସମାଧାନ କରିବ। ଅବକାରୀ ମନ୍ତ୍ରୀ ପୂର୍ବରୁ କହିଥିଲେ ଯେ, ସଂଶୋଧିତ ଢାଞ୍ଚା ବର୍ତ୍ତମାନର ନୀତିରେ ଥିବା ତ୍ରୁଟିଗୁଡ଼ିକୁ ପୂରଣ କରିବା ସହିତ ଦଣ୍ଡକୁ ସୁଦୃଢ଼ କରିବ ଏବଂ ତଦାରଖକୁ ବୃଦ୍ଧି କରିବ।ଏହି ନୀତି ପ୍ରଚଳନ ରାଜ୍ୟର ନିଶାଦ୍ରବ୍ୟ ଅପବ୍ୟବହାର ରୋକିବା ପାଇଁ ସାମ୍ପ୍ରତିକ ପ୍ରୟାସକୁ ଅନୁସରଣ କରୁଛି। ମେ ୩୧ ତାରିଖରେ, ଓଡ଼ିଶାରେ ତମାଖୁ ବିରୋଧୀ ଦିବସ ପାଳନ କରାଯାଇ ସ୍କୁଲ ଏବଂ କଲେଜଗୁଡ଼ିକରେ ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା। ସରକାରଙ୍କ ଘୋଷିତ ଲକ୍ଷ୍ୟ ହେଉଛି ବିଶେଷ କରି ଯୁବ ପିଢ଼ି ପାଇଁ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ କରିବା। ତିନି ବର୍ଷର ନୀତି ଢାଞ୍ଚା ସଂଶୋଧନରେ ଦୀର୍ଘକାଳୀନ, ସ୍ଥିର ରଣନୀତି କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ଚୂଡ଼ାନ୍ତ ଯୋଜନା ତଥ୍ୟ ଓଡ଼ିଶାର ସାମାଜିକ-ଅର୍ଥନୈତିକ ବାସ୍ତବତା ଅନୁସାରେ ପ୍ରସ୍ତୁତ କରାଯିବ। ଏଥିରେ ସ୍ଥାନୀୟ ପ୍ରସଙ୍ଗ ସହିତ ପ୍ରାସଙ୍ଗିକତାକୁ ସୁନିଶ୍ଚିତ କରିବା ସହିତ ଅନ୍ୟ ରାଜ୍ୟଗୁଡ଼ିକର ସଫଳ ଚିନ୍ତାଧାରା ସାମିଲ କରାଯିବ।

## ଅଢେଇ ଟନ୍ ବିସ୍ଫୋରକ ଜବତ

**କୋଇଡ଼ା, ୨।୬(ମହାଭାରତ):** ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ଲୁଟ୍ ହୋଇଥିବା ଅଢେଇ ଟନ୍ ବିସ୍ଫୋରକ ପୁଣି ଜବତ ହୋଇଛି। ମାଟିତଳେ ଲୁଚାଇଥିଲେ ମାଓବାଦୀ ଝାରଖଣ୍ଡର ଜରେଇକେଲା ଥାନା ଅଞ୍ଚଳରୁ ଏହା ଜବତ ହୋଇଛି କୋବ୍ରା ବାଟାଲିୟନ୍, ସିଆରପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେସନ୍ ଜାରି ରଖିଛନ୍ତି।

କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ଲୁଟ୍ ହୋଇଥିବା ଅଢେଇ ଟନ୍ ବିସ୍ଫୋରକ ପୁଣି ଜବତ ହୋଇଛି। ମାଟିତଳେ ଲୁଚାଇଥିଲେ ମାଓବାଦୀ। ଝାରଖଣ୍ଡର ଜରେଇକେଲା ଥାନା ଅଞ୍ଚଳରୁ ଏହା ଜବତ ହୋଇଛି।କୋବ୍ରା ବାଟାଲିୟନ୍, ସିଆରପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେସନ୍ ଜାରି ରଖିଛନ୍ତି। ସୂଚନାଯୋଗ୍ୟ,



ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ବିପୁଳ ପରିମାଣର ବିସ୍ଫୋରକ ଲୁଟ୍ ଘଟଣା ସାରାରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଆଜି ବରିଷ୍ଠ ଅଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ତନାଘନା କରିଥିଲେ। ଏହି ଲୁଟ୍ ଘଟଣା ୨୦୦୯ର ସମାନ ଘଟଣାକୁ ମନେପକାଇ ଦେଇଛି। ଗତ ବୁଧବାର ମଧ୍ୟାହ୍ନ ପ୍ରାୟ ଗୋଟାଏ ବେଳେ ଡିଜି ଶ୍ରୀ ଖୁରାନିଆ। କେ. ବଲାଙ୍ଗ ଥାନାରେ ପହଞ୍ଚିଥିଲେ ତାଙ୍କ ସହିତ ଆଇଜି (ଅପରେସନ୍) ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ସ୍ପେସାଲ୍ ଇଣ୍ଟେଲିଜେନ୍ସ ଅଧିକାରୀ, ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ଆର୍ମି କ୍ୟାମ୍ପରେ ଭୂସ୍ଖଳନ, ୩ ମୃତ



କୋଲକାତା, ୨।୬(ମହାଭାରତ): ସିକ୍କିମରେ ଭାରତୀୟ ସେନାର ଶିବିରରେ ଭୂସ୍ଖଳନ ଘଟିଛି । ଯେଉଁଥିରେ ତିନିଜଣ ସେନା ଯବାନଙ୍କ ମୃତ୍ୟୁ ଘଟିଛି। ଭୂସ୍ଖଳନ ପରେ ୯ ଜଣ ଅନ୍ୟ ସେନା ଯବାନ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ସେନା ପକ୍ଷରୁ ତୁରନ୍ତ ରେସକ୍ୟୁ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି।

ପ୍ରତିରକ୍ଷା ମନ୍ତ୍ରଣାଳୟର ପୂର୍ବ କମାଣ୍ଡ ମୁଖପାତ୍ର ୱିଙ୍ଗ କମାଣ୍ଡର ହିମାଂଶୁ ତିୱାରୀ ସୋମବାର ସୂଚନା ଦେଇଛନ୍ତି ଯେ, ପ୍ରବଳ ବର୍ଷାର କାରଣରୁ ରବିବାର ରାତି ପ୍ରାୟ ସାତଟା ବେଳେ ସିକ୍କିମର ଲାଚେନ ଜିଲ୍ଲାର ଚେଟନ୍ ଅଞ୍ଚଳରେ ଅବସ୍ଥିତ ଭାରତୀୟ ସେନା କ୍ୟାମ୍ପରେ ଏକ ବିନାଶକାରୀ ଭୂସ୍ଖଳନ ଘଟିଥିଲା, ଯାହାଫଳରେ ତିନିଜଣ ସେନା ଯବାନଙ୍କ ଜୀବନ ଯାଇଛି। ଆଉ ୪ ଜଣ ଯବାନ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏବେ ବି ବର୍ଷା ଲାଗି ରହିଥିଲେ ହେଁ ନିଖୋଜ ୯ ଜଣ ଯବାନଙ୍କୁ ଖୋଜା ଚାଲିଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି।ସ୍ଥଳ ସେନା ପକ୍ଷରୁ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଯାଇଛି ଓ ଆବଶ୍ୟକ ସହାୟତା କରିବାକୁ ପ୍ରତିଶ୍ରୁତି ଦିଆଯାଇଛି।

ଗତ କିଛି ଦିନ ଧରି ସିକିମରେ ପ୍ରବଳ ବର୍ଷା ହେଉଛି। ଯାହା ଫଳରେ ରାଜ୍ୟର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଅନେକ ଅଞ୍ଚଳରେ ଭୂସ୍ଖଳନ ଘଟୁଥିବା ବେଳେ ଖରାପ ପାଗ ଯୋଗୁଁ ପ୍ରାୟ ୧୫୦୦ ପର୍ଯ୍ୟଟକ ମଧ ଫସି ରହିଛନ୍ତି, ସେମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାକୁ ଚେଷ୍ଟା କରାଯାଉଛି। ଏଠାରେ ଉତ୍ତର ସିକିମରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ପରିସ୍ଥିତି ବହୁତ ଖରାପ ହୋଇଯାଇଛି।ଲୋଚେନ ଏବଂ ଲାଚୁଙ୍ଗ ଅଞ୍ଚଳରେ ପ୍ରାୟ ୧୫୦୦ ପର୍ଯ୍ୟଟକ ଫସିରହିଛନ୍ତି।ମାଙ୍ଗାନ ଜିଲାର ଏସପି ସୋନମ ଡେଚୁ ଭୂଟିଆ। କହିଛନ୍ତି ଯେ ଲାଚେନରେ ୧୧୫ ଏବଂ ଲାଚୁଙ୍ଗରେ ୧୩୫୦ ପର୍ଯ୍ୟଟକ ରହିଛନ୍ତି। ଭୂସ୍ଖଳନ ଯୋଗୁ ଉଭୟ ପାର୍ଶ୍ୱରୁ ରାସ୍ତା ବନ୍ଦ ରହିଛି।

## ପ୍ରକାଶ ପାଇଲା ଜେଇଇ ଆଡ୍‌ଭାନ୍ସ ରେଜଲ୍ଟ

ଭୁବନେଶ୍ୱର, ୨।୬(**ମହାଭାରତ**): ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ଜେଇଇ ଆଡଭାନ୍ସଡ ପରୀକ୍ଷାଫଳ ପ୍ରକାଶ ପାଇଛି। ଆଇଆଇଟି ଦିଲ୍ଲୀ ଜୋନର ଛାତ୍ର ରଜିତ ଗୁପ୍ତା ୩୬୦ ରୁ ୩୩୨ ମାର୍କ ରଖି ଅଲ୍‌ଇଣ୍ଡିଆ ର୍‍ୟାଙ୍କ ୧ରେ ରହିଛନ୍ତି। ମହିଳାଙ୍କ ଭିତରେ ଦେବଦତ୍ତା ମାଝୀ ଟପ୍ପର ରହିଛନ୍ତି। ସେହିପରି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ହଂସ ଦାରୁକା ଓ ନବନିତ ହଂସ ଦାରୁକା। ହଂସ ଅଲ୍‌ଇଣ୍ଡିଆ ର୍‍ୟାଙ୍କ ୩୯ ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସେହିଭଳି ନବନିତ ଅଲ୍ ଇଣ୍ଡିଆ। ରାଙ୍କ ୯୭ ରଖି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ୧ ଲକ୍ଷ ୮୦ ହଜାର ୪୨୨ ପରୀକ୍ଷାର୍ଥୀ ଦେଇଥିଲେ ପରୀକ୍ଷା।

## ରାଜ୍ୟବ୍ୟାପୀ ଅସହ୍ୟ ଗୁଳୁଗୁଳି

**ଭୁବନେଶ୍ୱର, ୨।୬(ମହାଭାରତ):** ଓଡ଼ିଶାରେ ମୌସୁମୀ ଛୁଇଁବାର ଦିନକ ପରେ ହଠାତ୍ ଦୁର୍ବଳ ହୋଇଗଲା। ଏହାର ପରିଣାମସ୍ୱରୂପ ରାଜ୍ୟରେ ହଠାତ୍ ଗରମ ବଢିବା ସହ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ପାଣିପାଗ ବିଶେଷଜ୍ଞ ତଥା ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ କହିଛନ୍ତି, ବର୍ତ୍ତମାନ ବ୍ରେକ୍ ମନସୁନ୍ ଚାଲିଛି । ହିମାଳୟ ପାଦଦେଶରେ ବର୍ଷା ଅଧିକ ହେଉଥିବାରୁ ରାଜ୍ୟରେ ମୌସୁମୀ ବାୟୁ ଦୁର୍ବଳ ହୋଇଛି। ଏହି ସ୍ଥିତି ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରହିବ। ୭ତାରିଖରୁ ଆହୁରି ଗରମ ଅନୁଭୂତ ହେବ ବୋଲି ଶରତ ସାହୁ କହିଛନ୍ତି।

ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ ପାଖାପାଖି ରେକର୍ଡ କରାଯାଇଛି।ସୋମବାର ବାଲେଶ୍ୱର ସର୍ବାଧିକ ୩୯.୮ ଡିଗ୍ରି ସେଲସିୟସ ତାପମାତ୍ରା ରେକର୍ଡ କରି ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି, ଏହା ପରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ୩୯.୬ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।ସେହିପରି ବାଲେଶ୍ୱରରେ ୩୯.୮ ଡିଗ୍ରି ସେଲସିୟସ୍, ଭୁବନେଶ୍ୱର: ୩୯.୬ ଡିଗ୍ରି ସେଲସିୟସ୍, ଝାରସୁଗୁଡ଼ା: ୩୯.୨ ଡିଗ୍ରି ସେଲସିୟସ, ସମ୍ବଲପୁର: ୩୯.୧ ଡିଗ୍ରି ସେଲସିୟସ୍, ହୀରାକୁଦ: ୩୯.୧ ଡିଗ୍ରି ସେଲସିୟସ୍, ଚାନ୍ଦବାଲି: ୩୮.୪ ଡିଗ୍ରି ସେଲସିୟସ୍, ରାଉରକେଲା: ୩୭.୭ ଡିଗ୍ରି ସେଲସିୟସ୍, ପାରାଦୀପ: ୩୭.୫ ଡିଗ୍ରି ସେଲସିୟସ୍ ଓ ପୁରୀ: ୩୭.୦ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି।

ଏହି ସମୟରେ, ଭାରତ ପାଣିପାଗ ବିଭାଗ (ଆଇଏମଡି) ଏହାର ମଧ୍ୟାହ୍ନ ବୁଲେଟିନରେ, ଅନେକ ଜିଲ୍ଲାରେ ଗରମ ଏବଂ ଆର୍ଦ୍ର ପରିସ୍ଥିତି ପାଇଁ ହଳଦିଆ ସତର୍କତା ଜାରି କରିଛି।ଏହି ସତର୍କତା ଜୁନ୍ ୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି। ପାରଦ ବୃଦ୍ଧି ପାଉଥିବାରୁ ବାସିନ୍ଦାମାନଙ୍କୁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ, ଭିଡ଼ ସମୟରେ ସିଧାସଳଖ ସୂର୍ଯ୍ୟକିରଣକୁ ଏଡ଼ାଇବାକୁ ଏବଂ ଜଳୀୟ ଅଂଶୁଘାତରୁ ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ମୌସୁମୀ ବାୟୁରେ ଜଳୀୟବାଷ୍ପ ଥିବାବେଳେ ପାରଦ ମଧ ଅଧିକ ରହୁଛି ।ଯାହା ଫଳରେ ଉପକୂଳ ଓଡ଼ିଶାରେ ଅସହ୍ୟ ଗୁଳଗୁଳି କରାଉଛି।

## ଜି-୭ ସମ୍ମିଳନୀରେ ଯୋଗଦେବେନି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨।୬(ମହାଭରତ): ଆଗାମୀ ଜି-୭ ସମ୍ମିଳନୀ ପାଇଁ କାନାଡା ଗସ୍ତ କରିବେ ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତ ଓ କାନାଡା ମଧରେ ସମ୍ପର୍କ ଏବେ ଠିକ ନଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଜି-୭ ସମ୍ମିଳନୀରେ ଯୋଗ ଦେବେ ନାହିଁ ବୋଲି ଜଣାପଡ଼ିଛି। ଜି-୭ ସମ୍ମିଳନୀ ପାଇଁ କାନାଡା ଏଯାଏ ଭାରତକୁ ନିମନ୍ତ୍ରଣ କରିନି। ଯଦି ବି କାନାଡା ନିମନ୍ତ୍ରଣ କରେ, ତଥାପି ଭାରତର ପ୍ରଧାନମନ୍ତ୍ରୀ ସମ୍ମିଳନୀକୁ ଯିବେ ନାହିଁ।

ବିଶ୍ୱର ପ୍ରମୁଖ ଶିଳ୍ପ ଭିତ୍ତିକ ଦେଶଗୁଡ଼ିକ ଜ-୭ ଗଠନ କରିଛନ୍ତି। ଏଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ, ଜାପାନ, ଆମେରିକା ଓ କାନାଡା ରହିଛନ୍ତି। ବୈଠକରେ ୟୁରୋପୀୟ ୟୁନିୟନ, ଆଇଏମଏଫ, ବିଶ୍ୱ ବ୍ୟାଙ୍କ ଓ ମିଳିତ ଜାତିସଂଘ ସମେତ ଆଉ କିଛି ସଦସ୍ୟ ରାଷ୍ଟ୍ରଙ୍କୁ ନିମନ୍ତ୍ରଣ କରାଯାଏ଼ୟ ଦକ୍ଷିଣ ଆଫ୍ରିକା, ୟୁକ୍ରେନ, ବ୍ରାଜିଲ ଓ ଅଷ୍ଟ୍ରେଲିଆ। ସରକାରଙ୍କୁ କାନାଡା ଜି-୭ ପାଇଁ କରିଥିବା ନିମନ୍ତ୍ରଣକୁ ସେମାନେ ଗ୍ରହଣ କରି ନିଆଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ନେଇ ଅନିଶ୍ଚିତତା ଲାଗି ରହିଛି।



ଜୁନ ୧୬ରୁ ୧୭ ଯାଏ ଜି-୭ ସମ୍ମିଳନୀର ଆୟୋଜନ କାନାଡା କରିବାକୁ ଯାଉଛି। ହେଲେ କାନାଡା ପକ୍ଷରୁ ଏଯାଏ ଭାରତକୁ କୌଣସି ପ୍ରକାରର ନିମନ୍ତ୍ରଣ କରାଯାଇ ନାହିଁ।ସେହିପରି ଭାରତୀୟ ନେତୃବୃନ୍ଦ ମଧ କାନାଡା ଯାଇ ସମ୍ମିଳନୀରେ ସାମିଲ ହେବା ସପକ୍ଷରେ ନାହାନ୍ତି।

କୌଣସି ଉଚ୍ଚସ୍ତରୀୟ ଗସ୍ତ ପୂର୍ବରୁ ପ୍ରଥମେ ଦୁଇ ଦେଶ ମଧରେ ସମ୍ପର୍କରେ ସୁଧାର ଆସିବା ଦରକାର ବୋଲି ଭାରତ ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ଏଥିସହ ଭବିଷ୍ୟତରେ ଯଦି ପ୍ରଧାନମନ୍ତ୍ରୀ ମୋଦି କାନାଡା ଗସ୍ତ କରନ୍ତି, ତା'ହେଲେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ସେଠାକାର ସରକାର ପ୍ରଥମେ ନିଶ୍ଚିତ କରିବା ଦରକାର।

୨୦୧୯ରୁ ପ୍ରତିଟି ଜି-୭ ସମ୍ମିଳନୀ ପାଇଁ ଭାରତକୁ ଆୟୋଜକ ରାଷ୍ଟ୍ରଗୁଡ଼ିକ ନିମନ୍ତ୍ରଣ କରୁଥିଲେ। ଭାରତର ପ୍ରଧାନମନ୍ତ୍ରୀ ମୋଦି ମଧ ନିମନ୍ତ୍ରଣ ରକ୍ଷା କରି ଜି-୭ ସମ୍ମିଳନୀରେ ସାମିଲ ହେଉଥିଲେ। କିନ୍ତୁ ଏଥର କାନାଡା ଜି-୭ ସମ୍ମିଳନୀ ଆୟୋଜନ କରୁଥିବାରୁ ମୋଦି ଏଥିରେ ସାମିଲ ହେବେ ନାହିଁ।

ଗତ ମାସରେ ବୈଦେଶିକ ମନ୍ତ୍ରଣାଳୟ ଦୁଇ ଥର କହି ସାରିଛି ଯେ ଜି-୭ ବୈଠକ ପାଇଁ ପ୍ରଧାନମନ୍ତ୍ରୀ କାନାଡା ଗସ୍ତ କରିବାର କୌଣସି ସୂଚନା ଏଯାଏ ଆସିନାହିଁ଼ୟ ତେବେ କାନାଡାର ବୈଦେଶିକ ମନ୍ତ୍ରୀ ଅଙ୍କିତା ଆନନ୍ଦ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି ଯେ ଦେଶର ନୂଆ। ମାର୍କ କାର୍ଣ୍ଣେ। ସରକାର ଭାରତ ସହ ଭଲ ବନ୍ଧୁତା ସ୍ଥାପନ କରିବାକୁ ଆଗ୍ରହୀ ରହିଛନ୍ତି। ଏଥିସହ କାନାଡା ମାଟିରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜାରର ହତ୍ୟାକୁ ନେଇ ଭାରତ ସହ ଥିବା ସମ୍ପର୍କରେ ତିକ୍ତତା ଆସିଥିବା ସେ ସ୍ୱୀକାର କରିଛନ୍ତି। ନିଜାର ହତ୍ୟାକାଣ୍ଡରେ ଭାରତ ସରକାର ସାମିଲ ଥିବା କାନାଡାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇ ଦେଶ ମଧରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିଲା।

## ନିଟ୍ ପିଜି ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ, ୨।୬(ମହାଭାରତ): ନ୍ୟାସନାଲ୍ ବୋର୍ଡ ଅଫ୍ ଏକଜାମିନାସନ୍ ଇନ୍ ମେଡିକାଲ୍ ସାଇନ୍ସ (ଏମବିଇଏମଏସ୍ ) ନିଟ୍ ପିଜି ୨୦୨୫ ପରୀକ୍ଷାକୁ ସ୍ଥଗିତ ରଖିଛି। ନିଟ୍ ପିଜି ପରୀକ୍ଷା ପୂର୍ବରୁ ଜୁନ୍ ୧୫ ତାରିଖରେ ହେବାକୁ ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ନିଷ୍ପତି ନିଆଯାଇଛି।

ଗତ ସପ୍ତାହରେ ଏକ ଆବେଦନର ଶୁଣାଣି କରି କୋର୍ଟ କର୍ତ୍ତୃପକ୍ଷଙ୍କୁ ଏମବିବିଏସ୍ ଏବଂ ଡେଂଟଲ୍ ପ୍ରୋଗ୍ରାମରେ ପ୍ରବେଶ ପାଇଁ ପରୀକ୍ଷା ଦୁଇଟି ବଦଳରେ ଗୋଟିଏ ସିଫ୍ଟରେ କରିବାକୁ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ, ଏମବିଇଏମଏସ୍ ସୋମବାର ଘୋଷଣା କରିଛି ଯେ ଏବେ ନିଟ୍ ପିଜି ୨୦୨୫ ଗୋଟିଏ ସିଫ୍ଟରେ କରାଯିବ। ଏହି ନିଷ୍ପତି ପାଇଁ ଲଜିଷ୍ଟିକ୍ ଆଡଜଷ୍ଟମେଂଟ ଆବଶ୍ୟକ, ବିଶେଷକରି ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ଏବଂ ସମସ୍ତ ପ୍ରାର୍ଥୀଙ୍କୁ ଏକକାଳୀନ ସ୍ଥାପିତ କରିବା ପାଇଁ ଭିତିଭୂମି ବୃଦ୍ଧି କରିବା ଆବଶ୍ୟକ।

ଏକ ସରକାରୀ ବିଜ୍ଞପ୍ତିରେ, ଏନବିଇ କହିଛି, 'ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଡବ୍ଲୁ.ନଂ. ୪୫୬/୨୦୨୫ ରେ ନିର୍ଦ୍ଦେଶ ଦେଇଛନ୍ତି ଯେ: 'ଆମେ, ତେଣୁ, ପ୍ରତିପକ୍ଷମାନଙ୍କୁ ନିଟ ପିଜି ୨୦୨୫ ପରୀକ୍ଷାକୁ ଗୋଟିଏ ସିଫ୍ଟରେ ପରିଚାଳନା କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଉଛୁ, ଯାହା ନିଶ୍ଚିତ କରିବ ଯେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖାଯିବ ଏବଂ ସୁରକ୍ଷିତ କେନ୍ଦ୍ରଗୁଡ଼ିକୁ ଚିହ୍ନଟ ଏବଂ କାର୍ଯ୍ୟକ୍ଷମ କରାଯିବ।' 'ତେଣୁ, ଏମବିଇଏମଏସ୍ ନିଟି ପିଜି ୨୦୨୫ ପରୀକ୍ଷାକୁ ଗୋଟିଏ ସିଫ୍ଟରେ ପରିଚାଳନା କରିବ।

# ପନିର କବାବ

**ଆବଶ୍ୟକୀୟ ସାମଗ୍ରୀ:** ଆଲୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜଓ୍ୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଆଲୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଲୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କ□। ଲଙ୍କା, ଜୁଆଣି ଏବଂ ସେଜଓ୍ୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍କୁ ବୁଡାଇ ତେଲରେ ଛାଣିଦିଅନ୍ତି। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ପନିର କବାବ।



ଖବର

# ‘ବ୍ରିଟେନ୍ସ ଗଟ୍ ଟାଲେଣ୍ଟ’ରେ ଚମକିଲେ ଭାରତର ଝିଅ



‘ବ୍ରିଟେନ୍ସ ଗଟ୍ ଟାଲେଣ୍ଟ ୨୦୨୫’ର ଗ୍ରାଣ୍ଡ ଫାଇନାଲରେ ଭାରତର ୯ ବର୍ଷୀୟା ବିନିତା ଛେତ୍ରୀ ନିଜ ପ୍ରତିଭା ଏବଂ କଠିନ ପରିଶ୍ରମ ବଳରେ ନିଜର ଛାପ ଛାଡ଼ିଛନ୍ତି। ବିନିତା ମଞ୍ଚରେ ତାଙ୍କ ନୃତ୍ୟ ଦ୍ୱାରା କେବଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିନାହାନ୍ତି, ବରଂ ଅନ୍ତର୍ଜାତୀୟ ସ୍ତରରେ ଭାରତର ନାଁକୁ ଉଜ୍ଜ୍ୱଳ କରିଛନ୍ତି। ଏହି ଅନ୍ତର୍ଜାତୀୟ ଶୋ’ରେ ସେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ଏବେ ସାରା ଦେଶରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ଆସାମର ଏହି ଛୋଟ କଳାକାରଙ୍କୁ ପ୍ରଶଂସା କରି ସାମାଜିକ ଗଣମାଧ୍ୟମରେ ଏକ ସ୍ୱତନ୍ତ୍ର ବାର୍ତ୍ତା ଶେୟାର କରିଛନ୍ତି। ସେ ଲେଖିଛନ୍ତି, ବିନିତା ବ୍ରହ୍ମପୁତ୍ରଠାରୁ ଥେମ୍ସ ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟ ଜିତିଛନ୍ତି। ଏକ୍ସରେ ଶେୟାର କରାଯାଇଥିବା ଏହି ଭିଡିଓରେ ବିନିତାଙ୍କୁ ଫାଇନାଲରେ ତାଙ୍କ ସହ-ପ୍ରତିଯୋଗୀମାନଙ୍କ ସହ ଠିଆ ହୋଇଥିବାର ଦେଖିବାକୁ ମିଳିଛି।ବିନିତା ଛେତ୍ରୀ ‘ବ୍ରିଟେନ୍ସ ଗଟ୍ ଟାଲେଣ୍ଟ’ ଇତିହାସରେ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ପ୍ରତିଯୋଗୀ ପାଲଟିଛନ୍ତି। ଫାଇନାଲରେ ବ୍ରିଟିଶ ଯାଦୁକର ହ୍ୟାରି ମୋଲ୍ଡିଂ ଫାଇନାଲରେ ବିଜୟୀ ହୋଇଥିବାବେଳେ ଏଲଇଡି ଡାନ୍ସ ଗ୍ରୁପ୍ ‘ଦି ବ୍ଲାକଆଉଟ୍ସ’ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିନିତା ଶୋ’ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା




ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ରର ଜପ କରନ୍ତୁ।

କ୍ଷୀର,ମହୁ ମଧ୍ୟ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ସୋରିଷ ତେଲ ମାଲିସର ପ୍ରଭାବ



ସୋରିଷ ତେଲ ନିୟମିତ ମାଲିସ୍ କଲେ ରକ୍ତ ସଞ୍ଚାଳନ ଶରୀରରେ ଭଲଭାବେ ହେବା ସହ ଉଷ୍ଣତା ଭିତରୁ ମିଳେ। ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲକା ଉଷୁମ କରି ପାଦତଳେ ମାଲିସ୍ କଲେ ଭଲ ନିଦ ହେବ। ଦୃଷ୍ଟି ଶକ୍ତି ବଢ଼ିଥାଏ। ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ। ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ୍ ମହୌଷଧି।

◆ ପରୀକ୍ଷାରୁ ଜଣାପଡ଼ିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ୍ କରିବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ଓଜନକୁ ମଧ୍ୟ ନିୟନ୍ତ୍ରଣ କରେ।

◆ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ, ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ।

◆ ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ, ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ। ବଡ଼ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ। ସେହି ପାଣିରେ ପାଦ ୨୦ ମିନିଟ୍ ବୁଡ଼ାଇ ପରେ ଭଲଭାବେ ପୋଛିନେବେ। ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ।

# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍ଅପ ଦୁନିଆରେ ଆଖିକୁ ବା ଆଇ ମେକ୍ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ୍ୟ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି, ଏଇ ଆର୍ଟିକଲଟି ଆପଣଙ୍କ କାମରେ ଲାଗିପାରେ। ଯେପରି କି ମେକ୍ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଏଲାଇନର୍ ସହ ନିଜ ମେକ୍ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍ଅପ୍ ଏକ୍ସପେରିମେଣ୍ଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ଫିଙ୍କ୍ ସେଡ। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍ଅପ ଆଣଙ୍କୁ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଟ୍ରାଏ କରନ୍ତୁ । ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା’ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ। ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏଣୁ ପିଙ୍କ୍ ଆଇ ଲାଇନର୍ ବ୍ୟବହାର କଲେ ଆପଣ ଗ୍ଲିଟରି ଆଏ ସେଡୋ ବ୍ୟବହାର କରିପାରିବେ କିମ୍ବା ନ୍ୟୁଡ୍ ସେଡ୍ ଆଏ ସେଡୋ ଲଗାଇ ଟିକେ ହାଇଲାଇଟର୍ ମିଶାଇଦେଲେ ଆପଣଙ୍କ ଲୁକ୍ ଟିକେ ହଟକେ ଦେଖାଯିବ। ତେବେ ଧ୍ୟାନ ରଖିବେ, ଏଭଳି ଆଇ ମେକ୍ଅପ କରୁଥିଲେ, ସବୁବେଳେ କନଟ୍ରାଷ୍ଟ କଲର୍ ଲିପଷ୍ଟିକ୍ ହିଁ ମାନିଥାଏ।



## ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ

ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ଅର୍ଥାତ କର୍ମ ଅନୁସାରେ ଫଳ ପ୍ରଦାନ କରିବା ବାଲା ଗ୍ରହ । ଶନିଦେବଙ୍କୁ ଅସନ୍ତୁଷ୍ଟ କରିବା ଅନୁଚିତ । କାରଣ କଳିଯୁଗରେ ଶନି ଏକ ମୁଖ୍ୟ ଗ୍ରହ ଭାବେ ଫଳ ପ୍ରଦାନ କରିଥାନ୍ତି । ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ । ଶନି ଅଶୁଭ ହେଲେ ପଦ ପ୍ରତିଷ୍ଠା ନେଇଯାଇଥାନ୍ତି । ଟଙ୍କା ପଇସାର ଅଭାବର ଦେଖାଯାଇଥାଏ । ସମ୍ପର୍କ ଖରାପ କରିଦେଇଥାଏ । ଏପରିକି ଛାଡପତ୍ର ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାନ୍ତି । ଶନି ଭୟଙ୍କର ଖରାପ ହେଲେ ଜେଲ ମଧ୍ୟ ପଠାଇ ଦେଇଥାନ୍ତି । ଗମ୍ଭୀର ରୋଗ ଦେଇ ଜୀବନକୁ କଷ୍ଟରେ ଭରିଦେଇଥାନ୍ତି ।



ଶନି କେବେ ଦେଇଥାନ୍ତି ଅଶୁଭ ଫଳ

ଶନି ନିୟମ ଓ ଅନୁଶାସନର ଅତି ପ୍ରିୟ ହୋଇଥାନ୍ତି । ଯେଉଁ ଲୋକ ଏହାକୁ ପାଳନ କରନ୍ତି ନାହିଁ । ନିୟମ ଭାଙ୍ଗିଥାନ୍ତି ଓ ଭୁଲ ଢଙ୍ଗରେ ଆଚରଣ କରିଥାନ୍ତି । ଶନି କେବେ ତାଙ୍କୁ କ୍ଷମା କରିନଥାନ୍ତି । ସମୟ କ୍ରମେ ଖରାପ ଫଳ ପ୍ରଦାନ କରିଥାନ୍ତି ।

୧. ପରିଶ୍ରମ କରି ପେଟ ପୋଷୁଥିବା ଲୋକଙ୍କୁ କେବେ ହଇରାଣ କରନ୍ତୁ ନାହିଁ । ଏମାନଙ୍କ ହକ କେବେ ନିଅନ୍ତୁ ନାହିଁ । ଯିଏ ଏପରି କରିଥାନ୍ତି, ଶନି ସମୟ ଆସିଲେ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି ।

୨. ଶନି ସେହି ଲୋକଙ୍କ ସବୁ କିଛି ନେଇଯାଇ ଥାନ୍ତି, ଯିଏ ଅନ୍ୟର ଖରାପ କରିଥାନ୍ତି । ଅନ୍ୟକୁ କଷ୍ଟ ପହଞ୍ଚାଇବା ପାଇଁ ଯୋଜନା କରିଥାନ୍ତି । ଏପରି ଲୋକଙ୍କୁ ଶନି ନିଜର ଦଶା, ଅନ୍ତର୍ଦ୍ଦଶା, ସାଢ଼ ସାତି ଓ ଦେଢ଼୍ୟା ଆସିଲେ ଅଶୁଭ ଫଳ ପ୍ରଦାନ କରିଥାନ୍ତି ।

୩. ନିଜ ପଦର ଅଂହକାର କରିବା, ଧନର ଦେଖାଇହେବା, ନିଜ ଅଧିକାରର ଭୁଲ ପ୍ରୟୋଗ କରିବା ବାଲାଙ୍କୁ ମଧ୍ୟ ଶନି କ୍ଷମା କରିନଥାନ୍ତି । ଶନି ଏପରି ଲୋକଙ୍କୁ କଠୋର ଦଣ୍ଡ ଦେଇଥାନ୍ତି ।

୪. ପ୍ରକୃତି ଓ ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା କଥା ନୁହେଁ । ଏହାଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଯାଇ ଥାନ୍ତି । ଯେତେଦୂର ସମ୍ଭବ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ଦରକାର ।

# ଭାରତ ପଛରେ ଜର୍ମାନ

ପୂର୍ବରୁ ଭାରତ ବ୍ରିଟେନକୁ ପଛରେ ପକାଇ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିଲା। କହିବା ବାହୁଲ୍ୟ ଯେ, ୨୦୧୪ରେ ଭାରତ ୧୧ତମ ସ୍ଥାନରେ ଥିଲା। ମାତ୍ର ୧୧ ବର୍ଷ ଭିତରେ ଏହା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତର ଲକ୍ଷ୍ୟ ହେଲା ୨୦୩୦ ସୁଦ୍ଧା ୫ ଟ୍ରିଲିୟନ ଅର୍ଥନୀତି ହେବା। ଏହା ଦ୍ୱାରା ଭାରତ ଜର୍ମାନକୁ ପଛରେ ପକାଇ ତୃତୀୟ ସ୍ଥାନ ଦଖଲ କରିପାରିବ। ଆମେରିକା ଓ ଚୀନ ଏହି ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସେମାନଙ୍କ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ଭାରତର ଜିଡିପି ୪ ଟ୍ରିଲିୟନ ଡଲାର ଥିବା ବେଳେ ଆମେରିକା ପାଖାପାଖି ୩୦ ଟ୍ରିଲିୟନ ଡଲାର ରହିଛି। ଚୀନର ଅର୍ଥନୀତି ପାଖାପାଖି ୨୦ ଟ୍ରିଲିୟନ ଡଲାର ରହିଛି। ଏହାକୁ ବିଚାର କଲେ ଭାରତ ନିକଟ ଭବିଷ୍ୟତରେ ଆମେରିକା ଏବଂ ଚୀନର ନିକଟତର ହେବା ମଧ୍ୟ ସମ୍ଭାବନା ନାହିଁ। ଯଦି ୨୦୪୭ ସୁଦ୍ଧା ଭାରତ ୨୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଯିବ ସେତେବେଳକୁ ଚୀନ ୪୦ରେ ପହଞ୍ଚାଯାଇଥିବ। ଏବେ ଜାପାନ ଭାରତଠାରୁ ସାମାନ୍ୟ ପଛରେ ପଡ଼ିଛି, ଜର୍ମାନୀ ସାମାନ୍ୟ ଆଗରେ ରହିଛି। ଏଥିରେ ପରିବର୍ତ୍ତନ ମଧ୍ୟ ହୋଇପାରେ। ଆଗକୁ ଜାପାନ ଭାରତକୁ ପୁନର୍ବାର ଅତିକ୍ରମ କରିବା ଅସମ୍ଭବ ନୁହେଁ। ଜର୍ମାନୀ ମଧ୍ୟ ଭାରତଠାରୁ ଆହୁରି ଆଗକୁ ବଢ଼ିଯାଇପାରେ। ମୋଟ ଉପରେ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ସହିତ ଭାରତର ଅର୍ଥନୀତି ପାଖାପାଖି ରହିଛି। କିନ୍ତୁ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ବିକଶିତ ରାଷ୍ଟ୍ର ହୋଇଥିବା ବେଳେ ଭାରତ ବିକାଶମୁଖୀ ରାଷ୍ଟ୍ର। କାରଣ ଭାରତର ଜନସଂଖ୍ୟା ଏମାନଙ୍କ ତୁଳନାରେ ବହୁ ଅଧିକ। ତେଣୁ ଭାରତର ମୁଣ୍ଡପିଛା ଆୟ ବା ଜିଡିପି ବହୁ କମ। ମୁଣ୍ଡ ପିଛା ଆୟ ହିସାବରେ ଭାରତ ବହୁ ପଛରେ ପଡ଼ିଛି। ୟୁରୋପର ଅନେକ ଛୋଟ ଛୋଟ ଦେଶ ତାଲିକାର ଅନେକ ଆଗରେ ରହିଛନ୍ତି। ଭାରତ ତୁଳନାରେ ଜାପାନ ଏବଂ କୋରିଆ ଅଧିକ ଉନ୍ନତ ଏବଂ ସଶକ୍ତ। ଚୀନ କଥା ଛାଡ଼। ହଂକଂ, ସିଙ୍ଗାପୁର ଭଳି ଅନେକ ଛୋଟ ଛୋଟ ଦେଶ ଭାରତଠାରୁ ବହୁ ଆଗରେ। ମାଲେସିଆ ମଧ୍ୟ ଭାରତ ତୁଳନାରେ ବହୁ ଆଗରେ। ଅଷ୍ଟ୍ରେଲିଆର ଜିଡିପି ଭାରତ ତୁଳନାରେ ଯଥେଷ୍ଟ କମ। କିନ୍ତୁ ଅଷ୍ଟ୍ରେଲିଆ ଭାରତ ତୁଳନାରେ ଏକ ସମୃଦ୍ଧ ରାଷ୍ଟ୍ର। ୟୁରୋପର ଅନେକ ଛୋଟ ଦେଶ ଯଥା ସ୍ୱିଡେନ, ସୁଇଜରଲାଣ୍ଡ, ଡେନମାର୍କ, ନେଦରଲାଣ୍ଡ, ପର୍ତ୍ତୁଗାଲ , ସ୍ପେନ, ଇଟାଲୀ, ଚେକ ରିପବ୍ଲିକ, ସ୍ଲୋଭାକ, ହଙ୍ଗେରୀ ଆଦି ଭାରତଠାରୁ ଆଗରେ। ତେଣୁ ବିଶ୍ୱ ଅର୍ଥନୀତିରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବର ବିଷୟ ହୋଇଥିଲେ ମଧ୍ୟ ଦେଶର କୋଟି କୋଟି ଗରିବ ଲୋକଙ୍କ ପାଇଁ ଏହା ମୂଲ୍ୟହୀନ। କାରଣ ସେମାନେ ବଂଚିବା ପାଇଁ ସଂଘର୍ଷ କରୁଛନ୍ତି। ଏକ ସ୍ୱଚ୍ଛଳ ଏବଂ ସ୍ୱଚ୍ଛନ୍ଦ ଜୀବନ ବିତାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ନାହିଁ। ଭାରତରେ ଅତି ଧନୀ ବା ସୁପର ରିଚଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ଭାରତର ଅତି ଗରିବ ଲୋକଙ୍କ ସଂଖ୍ୟା ମଧ୍ୟ ବହୁ ଅଧିକ, ଯାହା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ତେଣୁ ଭାରତରେ ମୁଣ୍ଡପିଛା ଆୟ ବା ଜିଡିପି ଯଥେଷ୍ଟ କମ। ଯେ ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରିତ ନହୋଇଛି ବା ସ୍ଥିର ନହୋଇଛି ସେ ପର୍ଯ୍ୟନ୍ତ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ଏଥିପାଇଁ ଠୋସ ପଦକ୍ଷେପ ନିଆଯିବା ଜରୁରୀ। ଯାହା ବି ହେଉ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହେବା ଏକ ଗର୍ବର ବିଷୟ।

# ଉତ୍କଳମଣି ବିଚିତ୍ରାନନ୍ଦ ପ୍ରଧାନ

**॥ ସୌଭାଗ୍ୟ ରଂଜନ ମହାନ୍ତି ॥**


> "ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୁର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ।


ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ 'ପୁରୀ ସେବା ସମିତି" ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତ୍ୟୁବରଣ କରିଥାନ୍ତି। କୁଢ଼ କୁଢ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଇଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ ରେଭେନ୍‌ସା କଲେଜରେ ଅଧ୍ୟୟନ ସମୟରେ 'କର୍ତ୍ତବ୍ୟବୋଧିନୀ' ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୂଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି 'ସତବାଦୀ' ନାମକ ମାସିକ ସାହିତ୍ୟ ପତ୍ରିକା ଓ 'ସମାଜ' ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ।

ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୁର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟକୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭ୍ରାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।


ସେକ୍ଟର -୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫,


# କଳା ଅବତାର, ଅଂଶାବତାର ଓ ରାମାବତାର

**॥ ଡା.ଦିଲ୍ଲୀପ କୁମାର ମହାରଣା ॥**

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଧ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମିତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

**॥ ସୁଶାନ୍ତ ଭୂୟାଁ ॥**

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

## ବାଲି ମାଫିଆଙ୍କ ଆକ୍ରମଣର ଶିକାର ହେଲେ ଅତିରିକ୍ତ ତହସିଲଦାର

କପ୍ତିପଦା, (ମହାଭାରତ): ମାତିଲେ ମାଫିଆ। ଥାନା ସମ୍ମୁଖରେ ଅତିରିକ୍ତ ତହସିଲଦାରଙ୍କୁ ମାରିଲେ ଓ ଗାଡି ଭାଙ୍ଗିଲେ। ଅତିରିକ୍ତ ତହସିଲଦାରଙ୍କୁ କରିଲେ ପ୍ରାଣାନ୍ତକ ଆକ୍ରମଣ। ଭାଙ୍ଗି ଚୁରମାର କରିଲେ ଗାଡି। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ସମ୍ମୁଖରେ। କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ ଆଜି ସକାଳ ସମୟରେ ବେଆଇନ ଚୋରା ବାଲି ଚାଲାଣ ଧରପଗଡ଼ ପାଇଁ କାର୍ଯ୍ୟାଳୟ ରୁ ନିଜ କାର ଧରି ବାହାରିଯିବା ସମୟରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମାଫିଆମାନେ ପ୍ରଥମେ ଅତିରିକ୍ତ ତହସିଲଦାରଙ୍କୁ ଅଟକାଇ ଧମକ ଦେଇଥିଲେ। ଏହା ପରେ ମାଫିଆମାନେ ତାଙ୍କୁ ଘେରି ଯିବାରୁ ସେଠାରୁ ଅତିରିକ୍ତ ତହସିଲଦାର ବାହାରି କପ୍ତିପଦା ଥାନା କୁ ଆସିଥିବା ବେଳେ କପ୍ତିପଦା ଥାନା ସମ୍ମୁଖରେ ୧୦ ରୁ ଅଧିକ ବାଲି ମାଫିଆ ଥାନା ସମ୍ମୁଖରେ ଅତିରିକ୍ତ ତହସିଲଦାରଙ୍କ ଗାଡିକୁ ଇଟା ଓ ପଥର ମାଡ଼ କରି ଭାଙ୍ଗି ଚୁରମାର କରିବା ସହିତ ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କ କଲର ଧରି ଘୋଷାରିବା ସହିତ ମାଡ଼ ମଧ୍ୟ ମାରିଥିଲେ। ଥାନା ସମ୍ମୁଖରେ ଏଭଳି ଘଟଣା ଘଟାଇବା ପରେ ମାଫିଆମାନେ ଫେରାର ହୋଇଯାଇଥିଲେ। ସେପଟେ ଜୀବନ ପ୍ରତି ବିପଦ ଥିବା ଜାଣି ଅତିରିକ୍ତ ତହସିଲଦାର ଥାନାକୁ ଆସିଥିବା ବେଳେ ଥାନା ଗେଟ ବନ୍ଦ ଥିବାରୁ ମାଫିଆମାନେ ତାଙ୍କୁ ଆକ୍ରମଣ କରିଥିବା କହିଛନ୍ତି ଅତିରିକ୍ତ ତହସିଲଦାର

## ହାଟଡିହି ଅଞ୍ଚଳରେ କମୁଛି ଚାଷ ଜମି

ହାଟଡିହି, (ମହାଭାରତ): ଏହି ବ୍ଲକରେ ଏବେ ଚାଷ ଜମି କମୁ ଥିବା ଦେଖିବାକୁ ମିଳୁଛି। ଦୁଇ ହଜାର କୋଡ଼ିଏ ମସିହା ର ସରକାରୀ ହିସାବ ଅନୁଯାୟୀ ହାଟଡିହି ବ୍ଲକର ରେ ଲୋକସଂଖ୍ୟା ୧୬୧୬୪୮ । ଏବେ ଦୁଇ ହଜାର ୨୦୨୫ ମସିହା ହୋଇ ସାରିଛି। ପୂର୍ବ ପରିସଂଖ୍ୟାନ ଅନୁଯାୟୀ ହାଟଡିହି ଅଞ୍ଚଳ ରେ ୪୧.୬୩୯.୪୦ ହେକ୍ଟର ଜମି ରହି ଥିଲା। ଏବେ ଅନେକ ଚାଷ ଜମି ଘର ଡିହ ରେ ପରିଣତ ହେବାରେ ଅଞ୍ଚଳରେ ଚାଷ ଜମି କମି ଯାଉଥିବା କହିଛନ୍ତି ସାମାଜିକ ସମୀକ୍ଷକ ମାନେ। ଆଗାମୀ ଦିନରେ ଗ୍ରାମାଞ୍ଚଳ ରେ ଲୋକେ ଆଉ ଚାଷ କରିବାକୁ ଇଚ୍ଛା ରଖୁନଥିବା ବେଳେ ଜମି ଗୁଡିକ ଘର ଡିହ କଲେ ଉଚ୍ଚମୂଲ୍ୟ ରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଶିକ୍ଷାବିତ୍ ଗୌରକ୍ରିଷ୍ଣ ନାୟକ :- କହନ୍ତି ଏପରି କରିବା ଦ୍ୱାରା ଲୋକ ସେମାନଙ୍କ ଆବଶ୍ୟକତା ପୂରଣ କରିବା ସହଜ ହେଇପାରେ କିନ୍ତୁ ଜୀବଜଗତ ପାଇଁ ଚାଷ ଜମି ନିହାତି ଜରୁରୀ। ଆମେ ଯଦି ଚାଷ ଜମି ହରାଇ ଲେ ତାହା ସୃଷ୍ଟି କରିବା ହଜାର ହଜାର ବର୍ଷ ଲାଗି ପାରେ କିନ୍ତୁ ଏହା ଦ୍ୱାରା ମାନବ ଶୃଙ୍ଖଳ ବିପଦପୂର୍ଣ୍ଣ।ଏହାକୁ ନେଇ ମହିଳା ଶିକ୍ଷାବିତ୍ ସ୍ମୃତି ନାୟକ କହନ୍ତି:- ପରିବେଶ ଏବଂ ଜନସଂଖ୍ୟା ରେ ସନ୍ତୁଳନ କରାଯିବ ଆବଶ୍ୟକ। ଯଦି ଚାଷ ଜମି ନଷ୍ଟ ହୁଏ ତାହାଲେ ମାନବ ଜାତି ନିଜର ଯେଉଁ ଖୁସି ପାଇଁ ଯାହା କୁ ଗୁରୁତ୍ୱ ଦେଉଛି ତାହାର ଚାହିଦା ରହିବା ଅସମ୍ଭବ।ସାମାଜିକ କର୍ମୀ ଗୌରାଙ୍ଗ ରଣା କହନ୍ତି। :- ଚାଷ ଜମି କମିଲେ ପୁନଃ ସୃଷ୍ଟି କରିହେବ ନାହିଁ, ଲୋକ ମାନେ ଯେଉଁ ଖୁସି କୁ ଗୁରୁତ୍ୱ ଦେଇ ବଡ ବଡ ପକା ଘର ପାଇଁ ନିର୍ମାଣ କରୁଛନ୍ତି ତାହା ପୁଣି ଦିନେ ନା ଦିନେ ବିପଦ କୁ ନିମନ୍ତ୍ରଣ କରିବ।

## ବେଦାନ୍ତ ନଗରର ବିସିଏ ଛାତ୍ରୀ ପ୍ରିୟଙ୍କା ବିଶ୍ୱବିଦ୍ୟାଳୟ ଟପର

ଲାଞ୍ଜିଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ସ୍ଥିତ ନିୟମଗିରି ବେଦାନ୍ତ ନଗରର ପିତା ହରିମାଝୀ ମା ସୁନେଲି ମାଝୀଙ୍କ ସୁପୁତ୍ରୀ ପ୍ରିୟଙ୍କା ମାଝୀ ବିସିଏ ବିଭାଗରେ କଳାହାଣ୍ଡି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଟପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।ଏହି ଅବସରରେ ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣା ନକଟିଗୁଡା ସ୍ଥିତ ଆଦିବାସୀ ଭବନରେ ପ୍ରିୟଙ୍କାଙ୍କୁ ଜିଲ୍ଲା ସ୍ତରୀୟ ଆଦିବାସୀ ସଂଗ୍ରାମ ସମିତି କଳାହାଣ୍ଡି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନା ଅନୁସାରେ ଭବାନୀପାଟଣା ସ୍ଥିତ ବିକାଶ ଡିଗ୍ରୀ କଲେଜରେ ଅଧ୍ୟୟନ କରୁଥିଲେ। ସେ ୩ ବର୍ଷ ପାଠ ପଢିବା ପରେ ଚଳିତ ବର୍ଷ ବିସିଏ ପରୀକ୍ଷାର ସର୍ବୋଚ୍ଚ ସଫଳତା ହାସଲ କରି କଳାହାଣ୍ଡି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୀର୍ଷ ସ୍ଥାନ ହାସଲ କରି ଟପର ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଲାଞ୍ଜିଗଡ ବେଦାନ୍ତ ନଗର ବଣ ପାହାଡ଼ ଘେରା ପ୍ରକୃତି କୋଳରେ ଜନ୍ମ ହୋଇ ନିଜର ପାରଦର୍ଶିତା,ବୁଦ୍ଧିମତ୍ତା ପ୍ରଦର୍ଶନ କରି ଜଣେ ଆଦିବାସୀ ଛାତ୍ରୀ ବିଶ୍ୱବିଦ୍ୟାଳୟରେ ଟପର ହୋଇ ଜିଲ୍ଲା ତଥା ବ୍ଲକ ପାଇଁ ଗୌରବ ଆସିଥିବା ଯୋଗୁଁ ତାଙ୍କୁ ବିଭିନ୍ନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଫରେଷ୍ଟରଙ୍କ ମୃତ୍ୟୁର ପର୍ଦ୍ଦାଫାଶ

ନୟାଗଡ଼, (ମହାଭାରତ) : ନୟାଗଡ଼ ରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଫରେଷ୍ଟର ଶିଶିର ସାହୁ ମୃତ୍ୟୁ ଘଟଣାର ହୋଇଛି ପର୍ଦ୍ଦାଫାଶ। ଫରେଷ୍ଟର ଶିଶିର ଆତ୍ମହତ୍ୟା ନୁହେଁ ବରଂ ତାଙ୍କୁ ହତ୍ୟା କରାଯାଇଥିଲା। ପରକିୟା ପ୍ରିତି ପାଇଁ ଶିଶିର ଙ୍କୁ ହତ୍ୟା କରା ଯାଇଛି। ଶିଶିର ଙ୍କୁ କେମିତି ଓ କେଉଁ ଭଳି ଭାବେ ହତ୍ୟା କରାଯାଇଥିଲା ତାହା ଆଜି ଗୋଟି ଗୋଟି କରି ନୟାଗଡ଼ ପୁଲିସ ଆଗରେ ବଖାଣି ଛନ୍ତି ଅଭିଯୁକ୍ତ। ଶିଶିର ଙ୍କୁ ହତ୍ୟା କରିଛନ୍ତି ନରହନ୍ତା ସ୍ତ୍ରୀ ନମିତା ମହାନ୍ତି ଓ ପୁଅ ଅଭିଷେକ ରଣସିଂ। ଉଭୟ ପୁଲିସ ଆଗରେ ବଖାଣି ଛନ୍ତି କିଭଳି ଭାବେ ଶିଶିର ଙ୍କୁ ହତ୍ୟା କରିଛନ୍ତି। ଶିଶିର ଙ୍କ ପରକିୟା ପ୍ରିତି ପାଇଁ ତାଙ୍କ ସ୍ତ୍ରୀ ଓ ପୁଅ ଉଭୟ ମିଶି ହତ୍ୟା କରିଥିଲେ। ଏବଂ ହତ୍ୟା ପରେ ଘଟଣା କୁ ଆତ୍ମହତ୍ୟା ର ରୁପ ଦେବକୁ ଚେଷ୍ଟା କରିଥିଲେ। ଗତ ଶୁକ୍ରବାର ଦିନ ପଞ୍ଚରିଡା ରେଞ୍ଜ ର ଫରେଷ୍ଟର ଶିଶିର ସାହୁ ନିଜର କାମ ସାରି ବିଳମ୍ବିତ ରାତିରେ ପ୍ରଚୁର ମଦ୍ୟପାନ କରି ଘରକୁ ଫେରିଥିଲେ। ଘର ବାହାରେ ନିଜ କାର ଭିତରେ ଥାଇ ସ୍ତ୍ରୀ ନମିତା ଙ୍କୁ କାର ପାଖକୁ ଖାଇବା ଆଣିବା ପାଇଁ କହିଥିଲେ। କିନ୍ତୁ ନମିତା ଶିଶିର ଙ୍କ ପାଇଁ ଖାଇବା ଆଣିବା ବଦଳରେ ଘର ଭିତରକୁ ଡାକିଥିଲେ। ଶିଶିର ଘର ଭିତରକୁ ନଯାଇ ଘରର ମୁହଁ ଭାଗରେ ବସିଥିଲେ। ଏହାପରେ ଉଭୟ ଶିଶିର ଓ ତାଙ୍କ ସ୍ତ୍ରୀ ମମତା ଙ୍କ ମଧ୍ୟରେ ଶିଶିର ଙ୍କ ମୋବାଇଲ ଫୋନ ରେ ଥିବା ପରକିୟା କରୁଥିବା ମହିଳା ଙ୍କ ଫଟୋଚିତ୍ର କୁ ଡିଲେଟ କରିବାକୁ ନେଇ ଯୋରଶୋର ରେ ବଚଶା ହୋଇଥିଲା। ଶିଶିର ଓ ତାଙ୍କ ସ୍ତ୍ରୀ ମମତା ଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇ ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ପୂର୍ବ ରୁ ପ୍ରସ୍ତୁତ ଥିବା ଶିଶିର ଙ୍କ ପୁଅ ଅଭିଷେକ ରଣସିଂ ଶିଶିର ଙ୍କ ପଛପଟ କୁ ଏକ ଲୁହା ପାଇପ୍ ମାଧ୍ୟମରେ ଜୋର ରେ ଆଘାତ କରିଥିଲା। ଏହାପରେ ଶିଶିର ତଳେ ପଡିଯିବା ପରେ ସ୍ତ୍ରୀ ନମିତା ଏକ ବାଲଟି ଓ ମଗ ସାହାଯ୍ୟ ରେ ପୂର୍ବ ପ୍ରସ୍ତୁତି ଅନୁଶାରେ ଆଗରୁ ଘରେ କିଣି ରଖିଥିବା ପେଟ୍ରୋଲ କୁ ଶିଶିର ଙ୍କ ଉପରେ ଢାଳି ଦେଇଥିଲେ। ଏବଂ ପୁଅ ଅଭିଷେକ ବାପା ଶିଶିର ଙ୍କ ଉପରେ ନିଆଁ ଲଗାଇ ଦେଇଥିଲା। ଏହାପରେ ଉଭୟ ମା ଓ ପୁଅ ଶିଶିର ଙ୍କୁ ବାହାର ପଟୁ ଗ୍ରିଲ ଦେଇଦେଥିଲେ। ଘର ଭିତରେ ଶିଶିର ନିଜ ଜୀବନକୁ ବଞ୍ଚାଗବା ପାଇଁ ଦେହରେ ପାଣି ଢାଳିଥିଲେ କିନ୍ତୁ ସେତେବେଳକୁ ଶିଶିର ଙ୍କ ଦେହରେ ନିଆଁ ଯୋରରେ ଲାଗି ସାରିଥିଲା। ଏହାପରେ ଶିଶିର ଏଣେ ତେଣେ ଜୀବନ କୁ ବଞ୍ଚାଇବା ପାଇଁ ଦୌଡିଥିଲେ ମଧ୍ୟ କିଛି ଲାଭ ହୋଇନଥିଲା। ଶେଷରେ ଶିଶିର ଘର ଭିତରେ ଥିବା ଖଟ ଉପରେ ପଡି ଯାଇଥିଲେ। ଏବଂ ସେହିଠାରେ ହିଁ ଶିଶିର ଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ନରହନ୍ତା ସ୍ତ୍ରୀ ନମିତା ଓ ପୁଅ ଅଭିଷେକ ଏହି ଘଟଣା କୁ ଆତ୍ମହତ୍ୟା ରୁପ ଦେବା ପାଇଁ ଘରେ ଥିବା ସ୍କୁଟି ଗାଡି ସହ ଆସବା ପତ୍ର କୁ ନିଆଁ ଲଗାଇ ଦେଇଥିଲେ। ଏହାପରେ ସ୍ତ୍ରୀ ନମିତା ବାହାରେ ଆସି ଯୋର୍ ରେ ପାଟି କରିଥିଲେ କି ଘରେ ନିଆଁ ଲାଗିଯାଇଛି ବୋଲି। କିନ୍ତୁ ପୁଲିସ ଆଗରୁ ଖସି ଯାଇନଥିଲେ ନରହନ୍ତା ମା ଓ ପୁଅ। ଆଜି ନୟାଗଡ଼ ପୁଲିସ ଉଭୟ ମା ନମିତା ଓ ପୁଅ ଅଭିଷେକ କୁ ଘଟଣା ସ୍ଥଳକୁ ଆଣି କେମିତି ଶିଶିର ଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରିଥିଲେ ଉଭୟ ତାହା ସିନ୍ ରିକ୍ରେଶନ୍ କରିଛି। ଆଉ ପୁଲିସ ଆଗରେ ବଖାଣି ଛନ୍ତି କିଭଳି ଭାବେ ଶିଶିର ଙ୍କୁ ନୃଶଂସ ଭାବେ ହତ୍ୟା କରିଥିଲେ। ଶିଶିର ଙ୍କୁ ହତ୍ୟା ରେ ବ୍ୟବହୃତ ଲୁହ ପାଇପ୍, ପେଟ୍ରୋଲ ଡବା ସହ ଅନ୍ୟାନ୍ୟ ଜିନିଷକୁ ଜବତ୍ କରିବା ସହ ଘରକୁ ସିଲ୍ କରିଛି ପୁଲିସ। ଏବଂ ଉଭୟ ମା ନମିତା ମହାନ୍ତି ଓ ପୁଅ ଅଭିଷେକ ରଣସିଂ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅତ୍ୟାଧୁନିକ ଜ୍ଞାନକୌଶଳରେ ହେବ ଗାଡ଼ିର ଫିଟ୍‌ନେସ୍ ଯାଞ୍ଚ

ନୟାଗଡ଼, (ମହାଭାରତ) : ପରିବହନ ବିଭାଗରେ ସଂସ୍କାର ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ବିଶେଷ କରି ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ିର ଫିଟିନେସ୍ ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପାଇଁ ହେଉଥିବା ପରୀକ୍ଷାରେ ବ୍ୟାପକ ଲାଞ୍ଚ କାରବାର ହୁଏ ଏଣୁ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷାରେ ହେଉଥିବା ଜାଲିଆତିକୁ ବନ୍ଦ କରିବା ପାଇଁ ନୟାଗଡ଼ରେ ସ୍ୱୟଂସମ୍ପୂର୍ଣ୍ଣ ଗାଡ଼ି ଚାଳନା ପରୀକ୍ଷଣ କେନ୍ଦ୍ର (ଏଡିଟିଏସ୍) କାର୍ଯ୍ୟକାରୀ କରାଯାଇଛି। ଏହାପରେ ଫିଟିନେସ୍ ଯାଞ୍ଚ ପାଇଁ ସ୍ୱୟଂସମ୍ପୂର୍ଣ୍ଣ ପରୀକ୍ଷଣ ଷ୍ଟେସନ (ଏଡିଟିଏସ୍) ନିର୍ମାଣ କାମ ଆରମ୍ଭ ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ଷ୍ଟେସନର ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ହସ୍ତାନ୍ତର କରାଯିବ ବୋଲି ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ା ସୂଚନା ପ୍ରଦାନ କରିଛନ୍ତି। ପରିବହନ ଅଧିକାରୀ ଶ୍ରୀ ପରିଡ଼ାଙ୍କ ସୂଚନା ମୁତାବକ, ପୂର୍ବରୁ ଗାଡ଼ିର ଫିଟିନେସ୍ ଯାଞ୍ଚ ଅଧିକାରୀଙ୍କ ଦ୍ୱାରା କରାଯାଉଥିଲା। ଫଳରେ ଅଧିକାଂଶ ସମୟରେ ଏହି ମାମଲାରେ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଥିଲା। ଏଥିରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଏଡିଟିଏସ୍‌ର ପରିକଳ୍ପନା କରିଛନ୍ତି। ସେଥିପାଇଁ ନୟାଗଡ଼ରେ ଦୁଇ ଏକର ଜାଗାରେ ଏହି ଷ୍ଟେସନ ନିର୍ମାଣ କରାଯାଉଛି। ସେଥିପାଇଁ ୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ବର୍ତ୍ତମାନ ଏଡିଟିଏସ୍‌ରେ ଉଭୟ ଡ୍ରାଇଭିଂ ଲାଇସେନ୍ସ ଓ ଫିଟିନେସ୍ ଯାଞ୍ଚ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରିବା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟବହାର କରାଯାଉଛି। ମାତ୍ର ଫିଟିନେସ୍ ଯାଞ୍ଚ ପୂର୍ବପରି ଅଧିକାରୀ ମାନଙ୍କ ଦ୍ୱାରା କରାଯାଉଛି। ଏଣୁ ଏହି ଷ୍ଟେସନ ନିର୍ମାଣ ହେବା ପରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ଗାଡ଼ି ଗୁଡ଼ିକର ଫିଟିନେସ୍ ଯାଞ୍ଚ କରାଯିବ। ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ଦ୍ୱାରା ଏହି କାର୍ଯ୍ୟ କରାଯିବ। ଏଥିରେ ଆଉ କୌଣସି ପ୍ରକାର ଜାଲିଆତି କରାଯିବା ସମ୍ଭବ ହେବ ନାହିଁ। ନୟାଗଡ଼ରେ ଗତ ବର୍ଷ ଅକ୍ଟୋବର ୧୦ରୁ ଏଡିଟିଏସ୍ ବ୍ୟବସ୍ଥା ଉଦ୍‌ଘାଟନ ହୋଇ ସାରିଛି। ଏମ୍‌ଓୟୁ କରାଯାଇଥିବା ପୁନେର ଏକ ଘରୋଇ କମ୍ପାନି (ଅଗ୍ବରା ନିପୁନ ଜେଭି) ଦ୍ୱାରା ଏବେ ସମସ୍ତ ଗାଡ଼ିର ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା କରାଯାଉଛି। ଉକ୍ତ କମ୍ପାନି ନିର୍ମାଣ କରାଯାଇଥିବା ଡ୍ରାଇଭିଂ ପରୀକ୍ଷା ଟ୍ରାକରେ ଅତ୍ୟାଧୁନିକ ଜ୍ଞାନ କୌଶଳ ବିଶିଷ୍ଟ କ୍ୟାମେରା ଲଗାଇଛି। ଏହି କ୍ୟାମେରା ଦ୍ୱାରା ଡ୍ରାଇଭିଂ ଲାଇସେନ୍ସ ନିମନ୍ତେ ପରୀକ୍ଷା ଦେବାକୁ ଆସିଥିବା ଚାଳକ ମାନଙ୍କ ସମସ୍ତ ଗତିବିଧି ଯେମିତିକି ସିଟ୍ ବେଲଟ୍ ପିନ୍ଧିଛନ୍ତି କି ନାହିଁ, ଗାଡ଼ି ଟ୍ରାକରେ ଚାଲୁଛି ନା ବାହାରକୁ ଆସୁଛି, ଏ ସମସ୍ତ କାର୍ଯ୍ୟକୁ ରେକର୍ଡ କରାଯାଉଛି। ଯଦି ନିୟମ ମୁତାବକ ସବୁକିଛି ଠିକ୍ ରହୁଛି, ତେବେ ଉକ୍ତ ବ୍ୟକ୍ତିଙ୍କୁ ଲାଇସେନ୍ସ ପ୍ରଦାନ କରାଯାଉଛି। ଯେହେତୁ ଏ ସମସ୍ତଙ୍କ କାର୍ଯ୍ୟ ଅନଲାଇନରେ କରାଯାଉଛି, ସେଥିପାଇଁ ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହୁଛି ବୋଲି ଶ୍ରୀ ପରିଡ଼ା କହିଛନ୍ତି। ସାଧାରଣତଃ ଏହି ଲାଇସେନ୍ସ ପାଇଁ ଏମଭିଆଇଙ୍କ ସାମ୍ନାରେ ପରୀକ୍ଷା ଦେବାକୁ ହୁଏ। ଏହାସହ ପରିବହନ କାର୍ଯ୍ୟାଳୟରେ ଦଲାଲ ମାନଙ୍କର ଉପଦ୍ରବ ମଧ୍ୟ ବଢ଼ି ଚାଲିଥିଲାଟ। ଅଧିକାଂଶ ଆଦୌ ଡ୍ରାଇଭିଂ ପରୀକ୍ଷା ନ ଦେଇ ଟଙ୍କା କାରବାର କରି କିଛି ଚାଳକ ଲାଇସେନ୍ସ ହାତେଇ ନିଅନ୍ତି । ଏଣୁ ଏହି ବ୍ୟବସ୍ଥା କରାଯିବା ପରେ ଜାଲିଆତି ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରିବ।

## ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, (ମହାଭାରତ): ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀଙ୍କ ନୟାଗଡ଼ ଜିଲ୍ଲା କୁ ବଦଳି ହୋଇଥିବାରୁ ସ୍ଥାନୀୟ ଆଓମା ଗୁରୁକୁଳ ଠାରେ ଗତ କାଲି ରାତ୍ର ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମିରଞ୍ଜନ ସେନାପତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଉପେନ୍ଦ୍ର ଦୀପ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ଆଇପିଓ ଶୁଭଶ୍ରୀ ଦଣ୍ଡପାଟ, ଅବସରପ୍ରାପ୍ତ ତହସିଲଦାର ଶଶାଙ୍କ ମିଶ୍ର ଓ ଅଧ୍ୟାପକ ଡ଼ଃ ରଞ୍ଜନ ସ୍ୱାଇଁ, ଆଓମା ଗୁରୁକୁଳ ମୁଖ୍ୟ ପ୍ରତିଷ୍ଠାତା ବିନାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସେଠୀ ଜଣେ ଦକ୍ଷ ଓ ସଚ୍ଚୋଟ ଅଧିକାରୀ ଥିଲେ ବୋଲି ଉପସ୍ଥିତ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଆଦିମ ବଣ୍ଡା ଜନଜାତିଙ୍କ ମାଳି ଅଳଙ୍କାରକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିପାରିଥିଲା। ବଣ୍ଡା ମହିଳାଙ୍କୁ ସଶକ୍ତ କରି ସେମାନଙ୍କ ଉତ୍ପାଦକୁ ବଜାରରେ କିଭଳି ବିକ୍ରିବଟା କରି ହେବ ସେଥି ନିମନ୍ତେ ସେ ପ୍ରୟନ୍ କରିଥିଲେ। ଜିଲ୍ଲାରେ ଯୁବକ ଯୁବତୀଙ୍କ ନିମନ୍ତେ ପ୍ରତିଯୋଗୀତା ମୂଳକ ପରୀକ୍ଷା ପାଇଁ ଲକ୍ଷ୍ୟ କୋଚିଂ ସେଣ୍ଟର ସ୍ଥାପନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜିଲ୍ଲା ପାଠାଗାରକୁ ଏକ ନୂଆ ରୂପ ଦେବାରେ ମଧ୍ୟ ତାଙ୍କର ସକ୍ରିୟ ଭୂମିକା ରହିଛି। ଏଥି ଯୋଗୁଁ ଅନେକ ଯୁବକ ଯୁବତୀ ଉପକୃତ ହୋଇପାରିଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବେକାର ଯୁବକ ଯୁବତୀଙ୍କ ନିଯୁକ୍ତି ହେଉ କିମ୍ବା ଆତ୍ମ ସମର୍ପଣ କରିଥିବା ନକ୍ସଲ ମାନଙ୍କୁ ଦକ୍ଷତା ତାଲିମ ପ୍ରଦାନ କରି ନିଯୁକ୍ତି ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ତାଙ୍କର ବହୁତ୍ ଅବଦାନ ରହିଛି। ବିଏସଏଫ୍ ସହଭାଗିତାରେ ଜିଲ୍ଲାର ସମସ୍ତ ବ୍ଲକ୍ ବିଶେଷ ଭାବେ ସ୍ୱାଭିମାନ ଅଞ୍ଚଳ ଓ ପଡିଆ ର ଦୁର୍ଗମ ଅଞ୍ଚଳରେ ଅନେକ କ୍ୟାରିୟର କାଉନସେଲିଂ କ୍ୟାମ୍ପ ଓ ନିଯୁକ୍ତି ମେଳା ଆୟୋଜନ କରିବା ଶ୍ରୀ ସେଠୀଙ୍କର ଅନ୍ୟତମ ସଫଳତା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମଧ୍ୟ କାର୍ଯ୍ୟକ୍ରମରେ କୁହାଯାଇଥିଲା।ଜିଲ୍ଲା ଲୋକ ମହୋତ୍ସବ ମାଲ୍ୟବନ୍ତ ରେ ମଧ୍ୟ ତାଙ୍କର ସକ୍ରିୟ ଭୂମିକା ରହିଥିଲା ଏବଂ ସେ ସୂଚାରୁ ରୂପେ ସମସ୍ତ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି କୁହାଯାଇଥିଲା। ଜଣେ ଭଲ ଅଧିକାରୀ ସହ ଶାନ୍ତ ସ୍ୱଭାବ ବିଶିଷ୍ଟ ଜଣେ ଭଲ ମଣିଷ ଭାବେ ଜିଲ୍ଲାରେ ତାଙ୍କ ନାମ ରହିଛି ବୋଲି ମଧ୍ୟ ଅତିଥି ମାନେ କହିଥିଲେ। ତାଙ୍କର ନଭେମ୍ବର ୨୦୨୦ ରେ ଚାକିରୀ ଜୀବନର ପ୍ରଥମ ପୋଷ୍ଟିଙ୍ଗ ହୋଇଥିଲା ମାଲକାନଗିରି ଜିଲ୍ଲାରେ। ଜିଲ୍ଲାରେ ଦୀର୍ଘ ଚାରି ବର୍ଷରୁ ଅଧିକ ସମୟ ରହଣୀ କାଳରେ ଅନେକ ସୁନ୍ଦର ସ୍ମୃତି ସାଉଁଟିଛି ବୋଲି ଶ୍ରୀ ସେଠୀ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଶ୍ରୀ ସେଠୀଙ୍କୁ କିଛି ସ୍ମୃତି ସନ୍ତକ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି, କେ ଦେଶୀ ରାଜା ଆଚାରୀ, ଗୁରୁ ଦତ୍ତ ବେହେରା, ବିକ୍ରମ ପାଢ଼ୀ, ଦେବଦତ୍ତ ବେହେରା ଓ ଗୁରୁକୁଳର ଅନ୍ତେବାସୀ ଉପସ୍ଥିତ ଥିଲେ।

## ବରିଷ୍ଠ ଶିକ୍ଷୟତ୍ରୀ ଚପଳା ପାଣିଗ୍ରାହୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, (ମହାଭାରତ): ସ୍ଥାନୀୟ ଗୋଷାଣି ବ୍ଲକ ଅନ୍ତର୍ଗତ ଜାଜପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ବରିଷ୍ଠ ଶିକ୍ଷୟତ୍ରୀ ଚପଳା ପାଣିଗ୍ରାହୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଗୋଷାଣି ଗୋଷ୍ଠି ଅତିରିକ୍ତ ଶିକ୍ଷା ଅଧିକାରୀ ଏମ୍. ବିମଳ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରଧାନଶିକ୍ଷକ ମୋହନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦୀର୍ଘ ୨୫ ବର୍ଷଧରି ଏହି ବିଦ୍ୟାଳୟରେ ଶିକ୍ଷକତା କରି ଛାତ୍ରଛାତ୍ରୀ ତଥା ଅଭିଭାବକ ଏବଂ ନିଜ ସହକର୍ମୀଂକ ସହ ସହୃଦୟତା ରହିଥିଲା। ବିଶେଷ କରି ଛାତ୍ରଛାତ୍ରୀ ମାନଂକୁ ଗୀତ, ଗଳ୍ପ, ଅଭିନୟ ତଥା ଗୁଣାତ୍ମକ ଶିକ୍ଷାଦାନ କରି ନିଜର ଶ୍ରେଷ୍ଠ ଭୂମିକା ସଂପାଦନ କରିଥିଲେ। ନିକଟରେ ସେ ଗଜପତି ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସରେ ଶ୍ରେଷ୍ଠ ଶିକ୍ଷୟତ୍ରୀ ଭାବେ ସମ୍ମାନିତ ହୋଇଥିଲେ। ତାଂକରି ଅନୁପସ୍ଥିତି ବିଦ୍ୟାଳୟରେ ନିଶ୍ଚିତ ଭାବେ ପ୍ରଭାବିତ କରିବ ବୋଲି ନିଜ ବକ୍ତବ୍ୟରେ ସହକର୍ମୀ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ନିଜ ମନ୍ତବ୍ୟରେ ପ୍ରକାଶ କରିଥିଲେ। ତଥା ଆଗାମୀ ଦିନ ତାଂକର ସୁସ୍ଥ ଓ ନିରାମୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ।ଶେଷରେ ଶିକ୍ଷୟତ୍ରୀ ବବିତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।ସ୍ମିତାଲୀ ମହାପାତ୍ର, ଗୀତା ପଟ୍ଟନାୟକ, ଏମ୍.ପ୍ରିୟଂକା, ମୋହନ ବାରିକ, ଗୌରି ଗୌଡ, ସୁନୀତା ପାତ୍ର, ରତ୍ନମାଳା ଜେନା, ଏମ୍. ଲୀଳାବେଣୀ,ଧୀରେନ୍ଦ୍ର ସାମଲ, ଶିବକୁମାର,ରବିନ୍ଦ୍ର ପ୍ରଧାନ ତଥା ବିଦାୟୀ ଶିକ୍ଷୟତ୍ରୀଙ୍କ ସ୍ୱାମୀ ବିଶିଷ୍ଟ ସମାଜସେବୀ ଭାଗବତ ପାଢୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ପାଣିଗ୍ରାହୀ ଏହି ସୁନ୍ଦର କାର୍ଯ୍ୟକ୍ରମ ପାଇଁ ସମସ୍ତ ସହକର୍ମୀ ମାନଂକୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ ତଥା ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।ଦୀର୍ଘ ୨୫ ବର୍ଷର ଅନୁଭୂତି ହୋଇ ରହିବ ବୋଲି ସେ ନିଜର ମନ୍ତବ୍ୟରେ ପ୍ରକାଶ କରିଥିଲେ।ଏଥିରେ ବିଦ୍ୟାଳୟର ଅଭିଭାବକ ତଥା ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ଆଧୁନିକ ଯୁଗରେ କମ୍ପୁଟର ପ୍ରଶିକ୍ଷଣ ବାଧ୍ୟତାମୂଳକ




କଳାହାଣ୍ଡି, (ମହାଭାରତ): ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ଚିଚୈଗୁଡା ଗ୍ରାମ ରେ ଖୋଲା ଯାଇଥିବା ଏକ ଅତ୍ୟାଧୁନିକ କମ୍ପ୍ୟୁଟର୍ ପ୍ରଶିକ୍ଷଣ କେନ୍ଦ୍ର ହେଉଛି ଦମୟନ୍ତୀ କମ୍ପ୍ୟୁଟର ତାଲିମ ଅନୁଷ୍ଠାନ ଚିଚୈଗୁଡା । ଏହି କମ୍ପ୍ୟୁଟର୍ ପ୍ରଶିକ୍ଷଣ କେନ୍ଦ୍ର ରେ ଚିଚୈଗୁଡା ପଞ୍ଚାୟତ ର ନିକଟବର୍ତ୍ତୀ ପ୍ରାୟ ୧୭-୧୮ ଟି ଗ୍ରାମ ର ଆଗ୍ରହୀ ଛାତ୍ରଛାତ୍ରୀ, ଯୁବକଯୁବତୀ କମ୍ପ୍ୟୁଟର୍ ପ୍ରଶିକ୍ଷଣ ନେଇଥାନ୍ତି। ନିଜ ଗାଁ ର ତଥା ନିକଟବର୍ତ୍ତୀ ଗାଁ ର ଅନେକ ଛାତ୍ରଛାତ୍ରୀଙ୍କୁ ଅବିରତ କମ୍ପ୍ୟୁଟର୍ ପ୍ରଶିକ୍ଷଣ ଦେଇ ଆସୁଅଛି । ଏବଂ ଏହି ଅଞ୍ଚଳର ଏକ ଜଣାଶୁଣା ସର୍ବବୃହତ୍ କମ୍ପ୍ୟୁଟର୍ ପ୍ରଶିକ୍ଷଣ କେନ୍ଦ୍ର ଭାବେ ନିଜର ଯଥେଷ୍ଟ ପରିଚୟ ପାଇପାରିଛି। ଅନେକ ଛାତ୍ରଛାତ୍ରୀ, ଯୁବକଯୁବତୀ କମ୍ପ୍ୟୁଟର୍ ପ୍ରଶିକ୍ଷଣ ନେଇ ନିଜ ନିଜ କାର୍ଯ୍ୟ ରେ ନିୟୋଜିତ ହୋଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଏମିତି ଏକ ଅଗ୍ରଣୀ କମ୍ପ୍ୟୁଟର୍ ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିଷ୍ଠାତା ହେଉଛନ୍ତି ସିତିକଣ୍ଠ ମେହେର । ସିତିକଣ୍ଠ ମେହେର ଚିଚୈଗୁଡା ଉଚ୍ଚ ବିଦ୍ୟାଳୟରେ ବିଗତ ୫ ବର୍ଷ ର କମ୍ପ୍ୟୁଟର୍ ଶିକ୍ଷାଦାନ ର ଅଭିଜ୍ଞତା ସହିତ ୧୦ ବର୍ଷ ର ବିଭିନ୍ନ କମ୍ପୁଟର୍ କେନ୍ଦ୍ର ରେ କମ୍ପ୍ୟୁଟର୍ ଶିକ୍ଷାଦାନ ର ଗଭୀର ଅଭିଜ୍ଞତା ରହିଥିବା ଜଣେ ସଫଳ କମ୍ପ୍ୟୁଟର୍ ଶିକ୍ଷକ। ତେଣୁ ଆମେ ସମସ୍ତେ ଏମିତି ଏକ ସୁନ୍ଦର କମ୍ପ୍ୟୁଟର୍ ପ୍ରଶିକ୍ଷଣ କେନ୍ଦ୍ରରେ ଯୋଗଦେଇ ଆଗ୍ରହରେ କମ୍ପୁଟର୍ ଶିଖି ଯୁଗପୋଯୋଗୀ ହେବା । ଏବଂ ଗରିବ ଓ ଅସହାୟ ଏହି ଶିଖା ରୁ ବଞ୍ଚିତ ନ ହେବେ ତା ପ୍ରତି ବିଶିଷ୍ଟ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ଦମୟନ୍ତୀ କମ୍ପୁଟର ପ୍ରଶିକ୍ଷଣ କେନ୍ଦ୍ର ର ପ୍ରତିଷ୍ଠାତା ଶିତିକଣ୍ଠ ମେହେର କ୍ଷ ଛାତ୍ରମାନଙ୍କ ପରିପ୍ରେକ୍ଷୀରେ କମ୍ପ୍ୟୁଟର ଶିକ୍ଷା ହେଉଛି ଶିକ୍ଷଣ ଏବଂ ଶିକ୍ଷାଗତ କାର୍ଯ୍ୟକଳାପକୁ ସହଜ କରିବା ପାଇଁ କମ୍ପ୍ୟୁଟର ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ଏଥିରେ ଅନଲାଇନ୍ ଶିକ୍ଷା, କମ୍ପ୍ୟୁଟର-ସହାୟିତ ଭାଷା ଶିକ୍ଷା (ଉଇଖଖ), ଏବଂ କମ୍ପ୍ୟୁଟର-ସହାୟିତ ସହଯୋଗୀ ଶିକ୍ଷା, ଅନ୍ୟାନ୍ୟ ପଦ୍ଧତି ଅନ୍ତର୍ଭୁକ୍ତ। ଏବଂ ଅନଲାଇନ୍ ଶିକ୍ଷାର ବ୍ୟବହାର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଏବଂ ଇଣ୍ଟରନେଟ୍ ବ୍ୟବହାର କରି ସାମାଜିକ ପାରସ୍ପରିକ କ୍ରିୟା ଏବଂ ଜ୍ଞାନ ବଣ୍ଟନ ମାଧ୍ୟମରେ ଶିକ୍ଷା ଉପରେ ଧ୍ୟାନ ଦିଏ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ କ୍ୟାରିଅର ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା। ଇଓ ପ୍ରତିକ୍ରିୟାଗୁଡ଼ିକ ଅନ୍ତର୍ଭୁକ୍ତ ହୋଇପାରେ । ଛାତ୍ର ଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବା । କମ୍ପ୍ୟୁଟିଂ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହରେ କମ୍ପ୍ୟୁଟର କ୍ଲାସରେ କମ୍ପ୍ୟୁଟରଗୁଡ଼ିକ କମ୍ପ୍ୟୁଟର ବିଜ୍ଞାନ ସହିତ ଏକ ପାରମ୍ପରିକ ଶିକ୍ଷାଗତ ଡିଜିଟାଲ୍ ସାକ୍ଷରତା ହେଉଛି ଟାଇପିଂ କିମ୍ବା ଡିଜିଟାଲ୍ ମିଡିଆ ପ୍ଲାଟଫର୍ମ ବ୍ୟବହାର କରି ସୂଚନା ଖୋଜିବା, ମୂଲ୍ୟାଙ୍କନ କରିବା ଏବଂ ଯୋଗାଯୋଗ କରିବାର ଜଣେ ବ୍ୟକ୍ତିଙ୍କ କ୍ଷମତା।

## ଲକ୍ଷେ ଲକ୍ଷେ ଟଙ୍କା ଠକେଇ

ମାଲକାନଗିରି, (ମହାଭାରତ): କାଲିମେଳା ବ୍ଲକର ପୁଶୁଗୁଡ଼ା ଗାଁରେ ଏକ ବଡ଼ ଧରଣର ଠକେଇ ଘଟଣା ସାମ୍ନାକୁ ଆସିଛି। ଏହି ଗାଁରେ ଭଡ଼ା ଘରେ ରହୁଥିବା ବିଭା ବିଶ୍ୱାସ ନାମକ ଜଣେ ମହିଳା ଅଧିକ ସୁଧ ଓ ଲାଭର ପ୍ରଲୋଭନ ଦେଖାଇ ଦଶରୁ ଅଧିକ ମହିଳାଙ୍କଠାରୁ ପାଖାପାଖି ୮୦ ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଗାଁରେ ଅଶାନ୍ତି ଓ ଅସନ୍ତୋଷ ସୃଷ୍ଟି କରିଛି।ସୂଚନା ଅନୁଯାୟୀ, ବିଭା ବିଶ୍ୱାସଙ୍କର ଗଠ-୬୭ ଗାଁରେ ନିଜ ଘର ଥିଲା। ବିବାହ ପରେ ସ୍ୱାମୀଙ୍କଠାରୁ ଅଲଗା ହେବା ପରେ ସେ ଭଡ଼ା ଘରେ ରହୁଥିଲେ। ଅଳ୍ପ ଦିନରେ ସେ ଗାଁର ମହିଳାମାନଙ୍କ ସହ ଏମିତି ଘନିଷ୍ଠତା ଗଢ଼ିଥିଲେ ଯେ ସମସ୍ତେ ତାଙ୍କୁ ବିଶ୍ୱାସ କରିଥିଲେ। ଏହାର ସୁଯୋଗ ନେଇ ବିଭା ମହିଳାମାନଙ୍କୁ ଅଧିକ ସୁଧ ଓ ଲାଭର ପ୍ରଲୋଭନ ଦେଖାଇ ଟଙ୍କା ଜମା କରିବାକୁ କହିଥିଲେ।ପୀଡ଼ିତା ମହିଳାମାନଙ୍କ କହିବା ଅନୁଯାୟୀ, ପ୍ରଥମେ ବିଭା ଦୁଇ-ତିନି ମାସ ସୁଧ ସହିତ ଟଙ୍କା ଫେରାଇଥିଲେ, ଯାହା ଦେଖି ଅନ୍ୟ ମହିଳାମାନେ ମଧ୍ୟ ବିଶ୍ୱାସ କରି ତାଙ୍କୁ ଟଙ୍କା ଦେଇଥିଲେ। କିନ୍ତୁ ପରେ ସେ ଅଧିକ ଟଙ୍କା ଜମା କରିବାକୁ ଉତ୍ସାହିତ କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ। ଏହାପରେ ସେ ନ ସୁଧ ଫେରାଇଛନ୍ତି ନା ମୂଳ ଟଙ୍କା। ଏପରିକି ଟଙ୍କା ଫେରସ୍ତ ମାଗିଲେ ଧମକ ଦେଇ ଲୁଚି ପଳାଇବାର ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।ମହିଳାମାନେ କହିଛନ୍ତି, ସେମାନେ ବିଭିନ୍ନ ଘରୋଇ ସଂସ୍ଥା, ଝଏଏ ଗ୍ରୁପ, ବ୍ୟାଙ୍କ ଏବଂ ଆତ୍ମୀୟଙ୍କଠାରୁ ଋଣ ନେଇ, ସୁନା ବନ୍ଧା ରଖି ବିଭାଙ୍କୁ ଟଙ୍କା ଦେଇଥିଲେ। ଏବେ ଟଙ୍କା ଫେରି ନ ପାଇବାରୁ ସେମାନଙ୍କ ଘରେ ଅଶାନ୍ତି ଲାଗି ରହିଛି।

## ମାଧବାନନ୍ଦ ମନ୍ଦିରରୁ ଅଳଙ୍କାର ଚୋରୀ, ଘଟଣାସ୍ଥଳରେ ଡଗ ସ୍କ୍ୱାଡ଼

କାକଟପୁର, (ମହାଭାରତ): ଦିନକୁ ଦିନ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ଦୁର୍ବୃର୍ତ୍ତ ମାନଙ୍କ ଆଡ୍ଡା ସ୍ଥଳୀ ହୋଇଗଲାଣି, ପ୍ରତ୍ୟେକ ଦିନ ଏହି ଅଞ୍ଚଳ ରେ କେଉଁଠି ନା କେଉଁଠି ଚୋରୀ ହେବାର ସମାଚାର ଶୁଣିବାକୁ ମିଳୁଛି ମାତ୍ର ଚୋର ମାନଙ୍କ ଟେର ପାଉନି ପୋଲିସ। କାକଟପୁର ବଲରା ନିକଟରେ ଥିବା ବହୁ ପୁରାତନ ଐତିହାସିକ ପ୍ରାଚୀ ତଟ ମାଧବାନନ୍ଦ ମନ୍ଦିରରୁ କିଛି ଦୁର୍ବୃର୍ତ୍ତ ମନ୍ଦିର ମୁଖଶାଳା କବାଟ ଭାଡି ମହାପ୍ରଭୁ ଶ୍ରୀ ଜୀଉ ଙ୍କ ଶରୀର ରୁ ଦାମୀ ରୁପା ହାର ସହିତ ଠାକୁର ଙ୍କ ଶ୍ରୀ ମୁଖରୁ ରୁପା ଆଖି ୨ ଟା ନେଇ ଯାଇଛି, ଏହାକୁ ପ୍ରଥମେ ଆଜି ର ପୂଜାରୀ ସମ୍ପଦ ମିଶ୍ର ଭୋର ସମୟରେ ପୂଜା ପାଇଁ ଆସି ପ୍ରଥମେ ଦେଖି ସଙ୍ଗେ ସଙ୍ଗେ ମନ୍ଦିର କମିଟି ସଦସ୍ୟ ମାନଙ୍କୁ ଡାକିଥିଲେ। କେବଳ ସେତିକି ନୁହେଁ ମନ୍ଦିର ପରିସରରେ ଥିବା ଭୋଗ ଦୋକାନ କବାଟ ଭାଡି କିଛି ସାମଗ୍ରୀ ମଧ୍ୟ ଲୁଟିଥିଲେ। ଏହି ଦୋକାନ ମାଲିକ ପଦ୍ମନାଭ ମହାରଣା ଅଭିଯୋଗ ଆଣିଛନ୍ତି, କାକଟପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ପରେ ଡଗ ସ୍କ୍ୱାଡ଼ ର ସହାୟତା ନେଇଛି। ମାତ୍ର ସାଧାରଣ ଲୋକ ଙ୍କ ଭିତରେ ଏକ ପ୍ରକାର ଅସନ୍ତୋଷ ସୃଷ୍ଟି ହୋଇଛି। ବାରମ୍ବାର ଚୋରୀ ଘଟଣା ଏହି ଅଞ୍ଚଳ ରେ ଘଟୁଥିବା ରୁ ଲୋକ ମାନଙ୍କ ଭିତରେ ଭୟ ର ବାତାବରଣ ସୃଷ୍ଟି ହୋଇଛି। ଯାହାକୁ ନେଇ ସ୍ଥାନୀୟ ଲୋକ ପ୍ରଶାସନ ଉପରେ ଆଉ ଆସ୍ଥା ପ୍ରକଟ କରିପାରୁନାହାନ୍ତି, ସାଧାରଣ ରେ ଚର୍ଚ୍ଚା ସ୍ଥାନୀୟ ଅଞ୍ଚଳ ରେ ଧଳା ଜହର ବ୍ୟବହାର ବୃଦ୍ଧି ହେଉଥିବା ରୁ ଏହି ଭଳି ଘଟଣା ଘଟୁଛି ଓ କିଛି ବୁଦ୍ଧିଜୀବୀଙ୍କ ମନରେ ଏହା କୌଣସି ବାହାର ଲୁଟେରା ଙ୍କ କାର୍ଯ୍ୟ ବୋଲି ଦାବୀ କରାଯାଉଛି। ପ୍ରକୃତ ରେ ଏହି ଚୋରୀ ପଛରେ କିଏ କାହାର ହାତ ରହୁଛି ତାହା ପୋଲିସ ର ତଦନ୍ତ ପରେ ଜଣାପଡିବ ।

## ବିଲଡରଙ୍କ କବଜାରେ ଜଳସମ୍ପଦ ବିଭାଗ ପ୍ରତାପନଗରୀ ସବ୍ ଡିଭିଜନ ଓଲଟପୁର ମାଇନର




ବାରଙ୍ଗ, (ମହାଭାରତ): ସରକାର ବଦଳିଛି କିନ୍ତୁ ୨୪ ବର୍ଷ ପୂର୍ବ ସରକାରଙ୍କ ଶାସନରେ ଥିବା ଅଧିକାରୀମାନଙ୍କ ମାନସିକତା ଏବେବି ବଦଳିନି ସେମାନେ ପୂର୍ବ ସରକାରଙ୍କ ଢାଞ୍ଚାରେ କାର୍ଯ୍ୟ କରୁଛନ୍ତି । ବାରମ୍ବାର ବିଭିନ୍ନ ଗଣ ମାଧ୍ୟମରେ ବେଆଇନ୍ ରାସ୍ତା ଓ ପୋଲ ବାବଦରେ ପ୍ରକାଶ ହେଲା ପରେ ଆଖି ଖୋଲୁନି ପ୍ରଶାସନର । ପ୍ରାଚୀ ଡିଭିଜନ ଅଧୀନରେ ପ୍ରତାପ ନଗରୀ ସବ୍ ଡିଭିଜନ ଥିବା ବିଭିନ୍ନ କେନାଲ ବନ୍ଧରେ ବିନା ଅନୁମତିରେ ଚାଲିଛି ବେଆଇନ୍ ରାସ୍ତା ଓ ପୋଲ। ଘଟଣାଟି ହେଉଛି ଫୁଲନଖରା ଡିଷ୍ଟ୍ରି ବୁଟାରୀ ଓଲଟପୁର ମାଇନର ୯ ନମ୍ବର ଜୋନର । ଏହି ଜୋନ୍ ର କେନାଲ ବନ୍ଧରେ ପାଖାପାଖି ୧୨ଫୁଟ ଚଉଡା ଓ ୧୦୦ ମିଟର ଲମ୍ବ ପର୍ଯ୍ୟନ୍ତ ମାଟି ପକାଇ ବିନା ବିଭାଗୀୟ ଅନୁମତିରେ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ କେନାଲ ଉପରେ ହୋଇଥିବା ମାଟି ରାସ୍ତାରେ ବିଲଡରମାନେ ଅଞ୍ଚଳର ରାତି ଅଧିଆ ନାଲି ଗୋଡ଼ି ମୋହରମ୍ ପକାଇ ରାସ୍ତା କରିବାକୁ ଚଳାଇଛନ୍ତି ବିଦ୍ଧିବଦ୍ଧ ଯୋଜନା । ସମସ୍ତ ବିଷୟରେ ଅବଗତ କଲା ପରେ ବି ଜଳସମ୍ପଦ ବିଭାଗର ପ୍ରାଚୀ ଡିଭିଜନ ଅଧୀନରେ ଥିବା ପ୍ରତାପନଗରୀ ସବ୍ ଡିଭିଜନ ତଦନ୍ତ କରି ଉକ୍ତ ବିଲଡର କିମ୍ବା ଜମି ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ସହକାରୀ ଯନ୍ତ୍ରୀ ଅଜୟ କୁମାର ବେହେରା । ପ୍ରତାପ ନଗରୀ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଉତ୍ତରରେ ସେ ଆମକୁ ତାଙ୍କ ପାଖେ କର୍ମଚାରୀ ଅଭାବ ଥିବା ଦର୍ଶାଇ ସବୁ ଜାଗା ବୁଲି ତଦାରଖ କରି ନ ପାରିବା କଥା କହିଥିଲେ ଯାହା ଜଳସମ୍ପଦ ବିଭାଗ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ସହକାରୀ ଯନ୍ତ୍ରୀ ଏମିତି ବହୁତ୍ ଥର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଗରୁ କହିଛନ୍ତି କିନ୍ତୁ ତାଙ୍କ କହିବା ଏବଂ କାର୍ଯ୍ୟାନୁଷ୍ଠାନ ନେବା କାର୍ଯ୍ୟ ଶୁନ । ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହୋଇଥିବାରୁ ଏହି ବିଲଡର ଏବଂ ତାଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଅଞ୍ଚଳର କିଛି ଜମି ଦଲାଲଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଲାଣି । ମହିଧରପଡ଼ା ସେକ୍ସନ ର କନିଷ୍ଠ ଯନ୍ତ୍ରୀ ଦୀର୍ଘ ୮ବର୍ଷ ରୁ ଊର୍ଦ୍ଧ୍ୱ ହେବ ଫୁଲନଖରା ଡିଷ୍ଟ୍ରୀ ବୁଟେରୀ ଦାୟିତ୍ୱ ଅଛନ୍ତି କିନ୍ତୁ ତାଙ୍କ ଅଫିସ ରୁ ମାତ୍ର ୨ କିଲୋମିଟର ଦୂରରେ କେନାଲ ବନ୍ଧରେ ତିଆରି ହେଉଛି ବେଆଇନ୍ ରାସ୍ତା ଓ ବ୍ରିଜ ଜାଣି ପାରୁ ନାହାଁନ୍ତି କନିଷ୍ଠ ଯନ୍ତ୍ରୀ । ଖବର ଦେଲା ପରେ ବି ସେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିବା ଆଶ୍ଚର୍ଯ୍ୟ କରିଛି ସମସ୍ତ ଜନ ସାଧାରଣଙ୍କୁ । ଓଲଟପୁର ମାଇନର ୯ନମ୍ବର ଜୋନ୍ ରେ ଗୋଟିଏ ପଟେ ପିଚୁ ରାସ୍ତା ଥିବା ବେଳେ ଅନ୍ୟ ପଟ କେନାଲ ବନ୍ଧକୁ ଲାଗିଥିବା ଚାଷଜମି ଗୁଡ଼ିକୁ ସାଗରେ ମାଛରେ କିଣି ,ସେହି ଜମିର କିସମ ପରିବର୍ତ୍ତନ କରି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରିବା ଉଦ୍ଦେଶ୍ୟ ରଖି ରାସ୍ତା ତିଆରି କରୁଛନ୍ତି ବିଲଡର । ଏହି ସବୁ କାର୍ଯ୍ୟ ପାଇଁ ସହଯୋଗ କରୁଛନ୍ତି ଜମି ଦଲାଲ ସାଜିଥିବା ଅଞ୍ଚଳର କିଛି ଅସାଧୁ ନିଜ ବ୍ୟକ୍ତିଗତ ସ୍ୱାର୍ଥ ରଖୁଥିବା ବ୍ୟକ୍ତି । ତେବେ ଏପରି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ବିଲଡର ,ଜମି ଦଲାଲ, ମାଟି ମାଫିଆଙ୍କୁ ଗୁରୁତ୍ୱ ଦେଇ ରାଜ୍ୟ ରାଜସ୍ୱକୁ ଦୁର୍ବଳ କରାଉଥିବା ସରକାରୀ ଅଧିକାରୀ ଓ ବିଲଡର ମାନଙ୍କ ଉପରେ ବିଭାଗ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗକୁ ଆହୁରି ସମସ୍ୟା ଉପୁଜିବା ନେଇ ଅଞ୍ଚଳ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଆସିକା କଲେଜ ର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଆସିକା : ଆସିକା ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ ଜୀବନାନନ୍ଦ ତ୍ରିପାଠୀ ଙ୍କ ଅବସର ପରେ ଏହି କଲେଜ ର ରସାୟନ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ଚୌଧୁରୀ ନୂତନ ଅଧକ୍ଷ ରୂପେ ଦାଇତ୍ୱ ଗ୍ରହଣ କରିଛନ୍ତି। ସେ ନିଜର ଚାକିରିଜୀବନ ଗଂଜାମ ମହାବିଦ୍ୟାଳୟରୁ ଆରମ୍ଭ କରି ଏନ୍.ବି.ସି. ମହାବିଦ୍ୟାଳୟ, କେନ୍ଦୁପଦର, ମହାମାୟୀ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର ମଧ ସେ ଅଧାପନା କାର୍ଯ୍ୟ ତୁଲାଇଛନ୍ତି। ସେ ନିଜର ଡକ୍ଟରେଟ୍ ଡିଗ୍ରୀ ବ୍ରହ୍ମରୁର ବିଶ୍ୱବିଦ୍ୟାଳୟରୁ ହାସଲ କରିଛନ୍ତି । ଶ୍ରୀ ଚୌଧୁରୀଙ୍କ ନିରଙ୍କୁଶ ଅଧାପନା ଜୀବନ ସ୍ୱଚ୍ଛତା, କାର୍ଯ୍ୟକୁଶଳତାରେ ଦକ୍ଷତା, ସମାୟାନୁବର୍ତ୍ତିତା, ନିୟମିତତା, ଛାତ୍ରବତ୍ସଳତା, ମିଷ୍ଟଭାଷୀ ରୂପେ ଲବ୍ଧ ପ୍ରତିଷ୍ଠିତ ହୋଇପାରିଛନ୍ତି। ସେ ମହାବିଦ୍ୟାଳୟର ଯେ କୌଣସି ବିକାଶ ମୁଖି କାର୍ଯ୍ୟଧାରାରେ ନିଜକୁ ନିୟୋଜିତ କରିବା ପାଇଁ ସେ ସମସ୍ତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଦକ୍ଷିଣ ଓଡ଼ିଶାର ସୁନାମଧନ୍ୟ ଆସିକା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧକ୍ଷ ରୂପେ ଦାଇତ୍ୱ ନେଇଥିବା ଯୋଗୁଁ କଲେଜର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ, ବନ୍ଧୁବାନ୍ଧବ, ଅଭିଭାବକ ଏବଂ ଆସିକା ସହରବାସୀଙ୍କ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟି ଆସୁଛିୟ ଆସିକା କଲେଜର ପୂର୍ବ ଗୌରବ, ପୂର୍ବ ଏତିହ୍ୟ, ପୂର୍ବ ସ୍ମୃତି ଫେରାଇ ଆଣିବାକୁ ସମସ୍ତ କଲେଜ ର ଅଧିକାରୀ ଓ କର୍ମଚାରୀ, ସମେତ ସ୍ଥାନୀୟ ଜନ ପ୍ରତିନିଧି ଙ୍କ ସହ ସମନ୍ୱୟ ରକ୍ଷା କରି ଏକ ଶ୍ରେଷ୍ଠ କଲେଜ କରିବାକୁ ଆପ୍ରାଣ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତ।

## ବିଜ୍ଞାନ ଶିକ୍ଷକ ଯଶୋବନ୍ତ କୁମାର ମିଶ୍ରଙ୍କ ଅବସର କାଳୀନ ସଭା



ବାରୁଆଁ : ବାରୁଆଁ (କା )ସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଯଶୋବନ୍ତ କୁମାର ମିଶ୍ରଙ୍କ ଅବସର କାଳୀନ ସଭା ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରାଣବନ୍ଧୁ ମହାରଣା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ପ୍ରମୋଦ କୁମାର ମିଶ୍ର ସଭା ମଣ୍ଡନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗଗନ ବିହାରୀ ପଣ୍ଡା ମଞ୍ଚାସୀନ ହୋଇଥିଲେ । ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ଓଷ୍ଟା ସମ୍ପାଦକ ଶ୍ରୀଯୁକ୍ତ ଗଜେନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପୃଷ୍ଟି, ଶ୍ରୀଯୁକ୍ତ ଲୋକନାଥ ଷଡ଼ଙ୍ଗୀ, ଶ୍ରୀଯୁକ ଗୌରହରୀ ବିଶ୍ୱାଳ, ଶ୍ରୀଯୁକ କୀର୍ତ୍ତିଚନ୍ଦ୍ର ମାହୁନ୍ତ, ଶ୍ରୀଯୁକ୍ତ ବିଜୟ କୁମାର ନାୟକ ମଞ୍ଚାସୀନ ହୋଇଥିଲେ। ତତସହିତ ବିଦ୍ୟାଳୟ ଉଦ୍ୟୋକ୍ଷକ୍ତା ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ମୁରଲୀଧର ସାହୁ,ଶ୍ରୀଯୁକ୍ତ ଦିବାକର ମିଶ୍ର, ଶ୍ରୀଯୁକ୍ତ ହୃଦାନନ୍ଦ ପରିଡା, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶ୍ରୀଯୁକ୍ତ ଅଶୋକ କୁମାର ଭୁତିଆ, ଶ୍ରୀଯୁକ୍ତ ବୈକୁଣ୍ଠନାଥ ସାହୁ, ସଂଘ ଉପସଭାପତି ସୁରେଶ କୁମାର ବିଶ୍ୱାଳ ସଭାରେ ଉପସ୍ଥିତ ଥିଲେ ।ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ସ୍ୱାଇଁ, ଶ୍ରୀଯୁକ୍ତ ଚତୁର୍ଭୁଜ ପରିଡା. ଶ୍ରୀଯୁକ୍ତ ଶକ୍ତିଶମ୍ଭିତ ପ୍ରଧାନ ଓ ବିଦ୍ୟାଳୟର କର୍ମଚାରୀ ଶ୍ରୀଯୁକ୍ତ ଶ୍ରୀବସ୍ତ ସାହୁ, ଶ୍ରୀଯୁକ୍ତ ଶତ୍ରୁଘ୍ନ ବେହେରା ଓ ଶ୍ରୀଯୁକ୍ତ କାଳନ୍ଦୀ ପରିଡା ସହଯୋଗ କରିଥିଲେ। ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ବାଇଶିଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ ନୋଡାଲ ଅଧିକାରୀ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ଏଥି ସହିତ ବିଦ୍ୟାଳୟର ପୂର୍ବତନ ଅନେକ ଛାତ୍ର ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।ସର୍ବଶେଷରେ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ଚତୁର୍ଭୁଜ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷା ଅଧିକାରୀଙ୍କ ଗୃହକାର୍ଯ୍ୟ ପରିଦର୍ଶନ



କଣ୍ଟାବାଞ୍ଜି : ବର୍ତ୍ତମାନ ସାରା ରାଜ୍ୟରେ ବିଦ୍ୟାଳୟ ଗୁଡ଼ିକ ଗ୍ରୀଷ୍ମପ୍ରବାହ ଯୋଗୁଁ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀ ମାନଙ୍କୁ ଛୁଟିରେ ପାଠପଢିବା ପାଇଁ ଓସେପା ତରଫରୁ ଗୃହକାର୍ଯ୍ୟ କରିବା ସକାଶେ ପ୍ରଶ୍ନପତ୍ର ପ୍ରତ୍ୟେକ ବିଦ୍ୟାଳୟରେ ଦିଆଯାଇଥିଲା। ଛାତ୍ରଛାତ୍ରୀ କିପରି ଗୃହକାର୍ଯ୍ୟ କରୁଛନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀ କିପରି ତଦାରଖ କରୁଛନ୍ତି ତଦାରଖ ପାଇଁ ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି, ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ଓ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର କିଛି ଛାତ୍ରଛାତ୍ରୀ ମାନଙ୍କ ଘରକୁ ପରିଦର୍ଶନରେ ଯାଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଭେଟି ଗୃହକାର୍ଯ୍ୟ ଦେଖିବା ସହିତ ଆହୁରି ଭଲ କରିବାକୁ ପରାମର୍ଶ ଦେବା ସହିତ ପିତାମାତା ଓ ଅଭିଭାବକ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପୂର୍ବରୁ ଶ୍ରୀ ଦାଶ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ପରିଦର୍ଶନ କରିଥିଲେ। ଆଜି ପରିଦର୍ଶନ ସମୟରେ ଗୃହକାର୍ଯ୍ୟ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବାପାଇଁ ଶିକ୍ଷଣ ସାମଗ୍ରୀ ବଣ୍ଟନ କରିଥିଲେ।

# ଶେଷ ହେଲା ଶୀତଳଷଷ୍ଠୀ: ବାହୁଡ଼ିଲେ ଦେବଦମ୍ପତି



ସମ୍ବଲପୁର: ସୋମବାର ସନ୍ଧ୍ୟାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ମନ୍ଦିର ପ୍ରବେଶ ସହିତ ଆଧାତ୍ମିକ ଓ ସାଂସ୍କୃତିକ ମହାକୁମ୍ଭ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ ଖରାକୁ ଖାତିର ନ କରି ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନ କରିବା ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଛନ୍ତି। ଶନିବାର ରାତିରେ ଭଗବାନ ଶିବଙ୍କ ଭବ୍ୟ ବର ଶୋଭାଯାତ୍ରା ବାହାରି ପ୍ରାତଃସମୟରେ ଜଗଜ୍ଜନନୀ ପାର୍ବତୀଙ୍କ ସହିତ ଲେକିକ ରୀତିରେ ବିବାହ ହୋଇଥିଲା। ରବିବାର ସନ୍ଧ୍ୟାରେ କନ୍ୟା ବିଦାୟ ପରେ ମଧ୍ୟରାତ୍ରିରେ ମହାଆଳତି ହୋଇଥିଲା। ଏହାପରେ ଭଗବାନ ଶିବ ଓ ମାତା ପାର୍ବତୀ ଯୁଗଳ ଦର୍ଶନ ନିମନ୍ତେ ନଗର ପରିକ୍ରମାରେ ବାହାରିଥିଲେ।ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନ କରି ଶ୍ରଦ୍ଧାଳୁମାନେ ଜୀବନକୁ ଧନ୍ୟ ମନେ କରିଥିଲେ। ଦେବଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପ୍ରାୟ ୧୦ ହଜାର କଳାକାରଙ୍କ ନୃତ୍ୟଗୀତରେ ଲୋକେ ବିଭୋର ହୋଇ ଯାଇଥିଲେ।ଶୋଭାଯାତ୍ରାରେ ସମ୍ବଲପୁରୀ, ହିନ୍ଦୀ, ଓଡ଼ିଆ, ଭୋଜପୁରୀ, ତେଲଗୁ, ଛତିଶଗଡ଼ି ଓ ବଙ୍ଗଳା ଭାଷାର ଲୋକପ୍ରିୟ ଗୀତଗୁଡ଼ିକର ତାଳେତାଳେ ରଥ ଉପରେ ନର୍ତ୍ତକୀଙ୍କ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ପ୍ରଜ୍ଞାପନ ମେରେ ପହଲଗାମ, ଅପରେସନ୍ 'ସିନ୍ଦୂର' ସହିତ ରାଫେଲ ଫାଇଟର୍ ଜେଟ୍, ବ୍ରହ୍ମୋସ୍ ସହିତ ବିଭିନ୍ନ ପ୍ରକାର ମିସାଇଲ୍ ପ୍ରଦର୍ଶିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ତଥା ଲୋକଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା, ପାନୀୟଜଳ ଆଦି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ସହରର ବିଭିନ୍ନ ସ୍ୱେଚ୍ଛାସେବୀ, ସାଂସ୍କୃତିକ ସଂଗଠନ, କର୍ମଚାରୀ ସଂଘ ଆଦି ଲୋକମାନଙ୍କୁ ସହାୟତା କରିବା ସହ ପାନୀୟ ଜଳ ଓ ଖାଦ୍ୟ ବ□ନ କରିଥିଲେ।

## ଛିନ୍ତାଇ ଗ୍ୟାଙ୍ଗର ୩ ଅଭିଯୁକ୍ତ ଗିରଫ: ମାଷ୍ଟର ମାଇଣ୍ଡ ସମେତ ୪ଚମ୍ପଟ

ବୈଶିଙ୍ଗା: ବୈଶିଙ୍ଗା ଥାନା ଅଧୀନ ଶିଖରଖୁ□ା ଅ□ଳରେ ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି ପୁଲିସ୍ ଆନ୍ତଃଜିଲ୍ଲା ଛିନ୍ତାଇ ଗ୍ୟାଙ୍ଗର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ଘଟଣା ସ୍ଥଳରୁ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସ୍ଥାନୀୟ ପଣସିଆ ଅ□ଳର ଅଶୋକ ସିଂ ସମେତ ଅନ୍ୟ ୩ଜଣ ଅଭିଯୁକ୍ତ ଚମ୍ପଟ ମାରିଥିଲେୟ ବିଲ ଜଙ୍ଗଲରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପୁଲିସ ସେମାନଙ୍କ ପିଛା କରିଥିଲେ ବି ସେମାନଙ୍କୁ ଧରିବାରେ ବିଫଳ ହୋଇଥିଲେୟ ଗିରଫ ଅଭିଯୁକ୍ତମାନେ ସମସ୍ତେ ବାଲେଶ୍ୱର ଜିଲ୍ଲାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ଜଣ ବାଲିଆ ଅ□ଳର ସୋମ୍ୟରଞ୍ଜନ ସେଠୀ, ଧନଞ୍ଜୟ ସିଂ ଓ ଅନ୍ୟ ଜଣେ ରେମୁଣା ଗୋଲେଇ ଅ□ଳର ଅର୍ଜୁନ ପଣ୍ଡିତୟସୂଚନା ଅନୁଯାଇ ଅଶୋକର ନେତୃତ୍ୱରେ ଛୀନତାଇ ଗ୍ୟାଙ୍ଗର ଅନ୍ୟ ବାଲେଶ୍ୱର ଜିଲ୍ଲାର ୬ଜଣ ଅଭିଯୁକ୍ତ ରବିବାର ବିଳମ୍ବିତ ସନ୍ଧ୍ୟାରେ ଆସି ଶିଖରଖୁ□ା ସ୍ଥିତ ରାଜୁ ମହାରଣାଙ୍କ ଭଡା ଘରେ ପହ□ି ତାକୁ ଧମକ ଚମକ ଦେଇ ୨ହଜାର ଟଙ୍କା ଜୋର ଜବରଦସ୍ତ କରି ମାଗିଥିଲେୟସେ ନିଜର ଅକ୍ଷମତା ପ୍ରକାଶ କରିବା ପରେ ସେମାନେ ରାଜୁଙ୍କୁ ଆକ୍ରମଣ କରି ଘଟଣା ସ୍ଥଳରୁ ଅପହରଣ କରିବାକୁ ବସିଥିଲେୟ ତେବେ ସେହି ସମୟରେ ତାଙ୍କ ଘର ମାଲିକ ଚିତ୍କାର କରିବାରୁ ଗାଁ ଲୋକ ଦୌଡ଼ି ଆସିଥିଲେ ଓ ବୈଶିଙ୍ଗା ପୁଲିସକୁ ମଧ୍ୟ ଖବର ଦେଇଥିଲେୟ ତେବେ ଗ୍ରାମବାସୀଙ୍କୁ ଦେଖି ୭ ଅଭିଯୁକ୍ତ ବିଭିନ୍ନ ମରଣାସ୍ତ୍ର ଦେଖାଇ ଭୟଭୀତ କରାଉଥିବା ସମୟରେ ବୈଶିଙ୍ଗା ଥାନା ଏସଆଇ ଦେବାଶିଷ ମଣ୍ଡଳ ସଦଳବଳେ ଘଟଣା ସ୍ଥଳରେ ପହ□ିଥିଲେୟହେଲେ ପୁଲିସ ପହ□ିବା କ୍ଷଣି ୩ଜଣଙ୍କୁ କାବୁ କରିନେଇଥିବାବେଳେ ୩ଜଣ ଅଭିଯୁକ୍ତ ବାଇକ ନେଇ ଖସି ଯାଇଥିବା ସମୟରେ ଅଶୋକ ସିଂ ଜଙ୍ଗଲ ଓ ବିଲ ମଧ ଦେଇ ଦୌଡିବାକୁ ଆରମ୍ଭ କରିଥିଲାୟ ଦୀର୍ଘ ସମୟ ଧରି ଅଶୋକର ପିଛା କରିଥିଲେ ବି ସେ ପୁଲିସ ହାତରୁ ଖସିଯିବାକୁ ସଫଳ ହୋଇଥିଲାୟ ତେବେ ଘଟଣା ସ୍ଥଳରୁ ପୁଲିସ ସେମାନଙ୍କ ଠାରୁ ଓଡି୦୧ଏଜେଡ-୭୯୬୯ ଓ ଓଡି୧୧ଏକ୍ସ-୬୫୪୩ ନଂ ବିଶିଷ୍ଟ ଦୁଇଟି ବାଇକ ମଧ ଜବତ କରିଥିଲେ ଓ ଘଟଣା ର ତଦନ୍ତ ପୂର୍ବକ ୨୫୨/୨୫ନଂ ରେ ଏକ ମାମଲା ରୁଜୁ କରି ୩ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛିୟଅଭିଯୁକ୍ତମାନେ ୧୫ଦିନ ଭିତରେ ଘଟିଯାଇଥିବା ୬ ଛିନ୍ତାଇ ମାମଲାରେ ସଂଶ୍ଳିଷ୍ଟ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛିୟ ଅନ୍ୟପଟେ ଖୁବଶୀଘ୍ର ଖସି ଯାଇଥିବା ଅଶୋକ ସମେତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରିବା ନେଇ ଦୃଢ଼କ୍ତି ପ୍ରକାଶ କରିଛନ୍ତି ଥାନା ଅଧିକାରୀ ବାରିଣୀ ଦାସୟ

## ଗାଁ ଦାଣ୍ଡରେ ବଣୁଆ ଦନ୍ତା: ଆତଙ୍କିତ ଗ୍ରାମବାସୀ

ମୟୂରଭଞ୍ଜ: ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟୁଳିପୁରା ପଞ୍ଚାୟତର ପ୍ରତିମାଦେଇପୁର ଶାସନ ଗାଁ ଦାଣ୍ଡରେ ସୋମବାର ସକାଳୁ ସକାଳୁ ଏକ ବଣୁଆ ଦନ୍ତା ହାତୀ ଦେଖିବାକୁ ମିଳିଛି। ଗାଁ ଦାଣ୍ଡରେ ଦନ୍ତାକୁ ଦେଖି ଗ୍ରାମବାସୀ ଘରୁ ବାହାରିବାକୁ ସାହସ କରୁନାହାନ୍ତି ।ସୂଚନା ଅନୁଯାଇ ବେତନଟୀ ରେଞ୍ଜର ବିଭିନ୍ନ ଜଙ୍ଗଲରେ ୧୦ରୁ ୧୨ ଝାଡ଼ଖଣ୍ଡୀ ବଣୁଆ ହାତୀ ବିଚରଣ କରୁଥିବା ବେଳେ ଦୀର୍ଘ ଦିନ ଧରି ଗୋଠଛଡା ହୋଇ ରହିଯାଇଥିବା ଏହି ବଣୁଆ ଦନ୍ତା ବୈଶିଙ୍ଗା ଉପକଣ୍ଠ କ୍ଷୀରପଦା ଜଙ୍ଗଲରେ ରହିଆସୁଛି ଏବଂ ବିଭିନ୍ନ ସମୟରେ ଜଙ୍ଗଲରୁ ବାହାରି ଉତ୍ପାତ କରୁଛି। କେତେବେଳେ ଦୀର୍ଘ ସମୟ ଧରି ବ୍ୟସ୍ତବହୁଳ ବୈଶିଙ୍ଗା-ମାଣତ୍ରି ରାସ୍ତା ଅବରୋଧ କରୁଛି ତ କେତେବେଳେ ଗାଁ ଭିତରେ ପଶି ଉପଦ୍ର କରୁଛି ।ଗତକାଲି ରବିବାର ସନ୍ଧ୍ୟା ସମୟରେ ଜଙ୍ଗଲରୁ ବାହାରି ଦୀର୍ଘ ସମୟ ପର୍ଯ୍ୟନ୍ତ ବୈଶିଙ୍ଗା-ମାଣତ୍ରି ରାସ୍ତାର ବଡାମ ଠାକୁରାଣୀଙ୍କ ନିକଟରେ ରାସ୍ତା ଅବରୋଧ କରିଥିବାବେଳେ ସୋମବାର ସକାଳୁ ପ୍ରତିମାଦେଇପୁର ଶାସନ ଭିତରେ ପଶି ଗାଁ ଦାଣ୍ଡରେ ବୁଲୁଥିଲା। ଘର ସମ୍ମୁଖରେ ଦନ୍ତାକୁ ଦେଖି ଗ୍ରାମବାସୀ ଭୟଭୀତ ହେବା ସହିତ ତାଟି କବାଟ କିଳି ଘର ଭିତରେ ପଶିଯାଇଥିଲେ। ଅନ୍ୟପଟେ ବୈଶିଙ୍ଗା ବନରକ୍ଷୀ ଉତ୍ତମ କୁମାର ଦାସ ଘଟଣା ସ୍ଥଳରେ ଉପସ୍ଥିତ ରହି ହାତୀର ଗତିପଥ ଉପରେ ନଜର ରଖିଥିବାର ଦେଖିବାକୁ ମିଳିଛି ।

## ପୋଖରୀରେ ପଶିଲା ବାଇକ: ଜଣେ ମୃତ, ୨ ଗୁରୁତର

ପାଟଣା : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୁଳି - ଉଖୁଣ୍ଡା ରାସ୍ତାରେ ବାଉଁଶୁଳି ନିକଟରେ ଆଜି ଅପରାହ୍ନ ସାଢ଼େ ୪ ଟା ସମୟରେ ।ରିଆ ଆଡ଼କୁ ଯାଉଥିବା ଏକ ଦ୍ରୁତଗାମୀ ବାଇକ ଭାରସାମ୍ୟ ହରାଇ ବାଉଁଶୁଳି ବୁଲାଣି ପୋଖରୀ ଭିତରେରେ ପଶିଯିବାରୁ ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ ବାଇକ୍ ଯୋଗେ ନିଜ ଗ୍ରାମ କଳିଙ୍ଗା ଚକଦର ସାହିକୁ ଫେରୁଥିବା ୩ ଜଣ ଯୁବକଙ୍କ ବାଇକଟି ଭାରସାମ୍ୟ ହରାଇ ପୋଖରୀ ଭିତରେ ପଶିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଦୁଇ ଜଣଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ମୃତ ଯୁବକ ଜଣକ କଳିଙ୍ଗା ଚକଦର ସାହିର ରବି ମୁଣ୍ଡା ବୋଲି ଜଣାପଡ଼ିଥିବାବେଳେ ଗୁରୁତର ଦୁଇ ଜଣ ସେହି ଗ୍ରାମର ଲେପା ମୁଣ୍ଡା ଓ ଘନ ମୁଣ୍ଡା ବୋଲି ଜଣାପଡିଛି। ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି।

## ରକ୍ତଦାନ ଶିବିର ଅନୁଷ୍ଠିତ: ୩୨ ୟୁନିଟ୍ ରକ୍ତ ସଂଗୃହୀହ



ବୈଶିଙ୍ଗା: ଦୀର୍ଘ ଦିନ ଧରି ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଉପକଣ୍ଠ ପଦ୍ମନାଭପୁର ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସମ୍ପୃକ୍ତ ଅଗ୍ରଣୀ ଅନୁଷ୍ଠାନ 'ସିଦ୍ଧିବିନାୟକ ଯୁବକ ସଂଘ' ରବିବାର 'ସମ୍ବାଦ' ଆମ ଓଡିଶା, ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଛି। ଏହି ଶିବିର ପଦ୍ମନାଭପୁର ସାମୁଦାୟିକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘରର ସଭାପତି ଶମ୍ଭୁନାଥ ସିଂ, ସମ୍ପାଦକ ସୁନ୍ଦର ସିଂ ଓ ଶତ୍ରୁଘନ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉକ୍ତଦାନ ଶିବିରକୁ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମଜସେବୀ ସ୍ଥାନୀୟ ସରପଞ୍ଚ ବବିତା ସିଂ, ସମାଜସେବୀ ଇନ୍ଦ୍ରମଣି ମହାପାତ୍ର, ପୂର୍ବତନ ସରପ□ ରାମ ସିଂ, ସମାଜସେବୀ ରାଜୀବ ରଞ୍ଜନ ସେନାପତି ଓ ଗିରିଶ ଚନ୍ଦ୍ର ପରିଡା ପ୍ରମୁଖ ମଞ୍ଚାସିନ ହୋଇ ସ୍ୱେଚ୍ଛାକୃତ ରକ୍ତଦାନର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେୟ ସାମ୍ବାଦିକ ରଣଜିତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଯୁବକ ସଂଘ ତରଫରୁ ସାମ୍ବାଦିକ କଞ୍ଚମଣି ସ୍ୱାଇଁ, ଅବିନାଶ ପଣ୍ଡା, ଦୀପକ କୁମାର ସିଂହ, ରଣଜିତ ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଶିବିରରୁ ମୋଟ ୩୨ ୟୁନିଟ ରକ୍ତସଂଗୃହୀତ ହୋଇଥିଲା। ସମ୍ବାଦ ବାଲେଶ୍ୱର ସଂସ୍କରଣ ପକ୍ଷରୁ ଲକ୍ଷ୍ମୀଧର ବାରିକ ଶିବିରରେ ଯୋଗଦାନ ପୂର୍ବକ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଯୁବକ ସଂଘର ସମସ୍ତ ସଦସ୍ୟ ମିଳିମିଶି ସୁଚାରୁ ରୂପେ ସମ୍ପାଦନ କରିଥିଲେୟ ବାଲେଶ୍ୱରସ୍ଥିତ ଓଡ଼ିଶା ରକ୍ତଦାନ କେନ୍ଦ୍ର ତରଫରୁ ଡା ମନୋଜ କୁମାର ବାରିକ, ମନୋଜ ଗନ୍ତାୟତ, ଅଜୟ ମହାପାତ୍ର, ବିଦ୍ୟାଧର ସାହୁ, ମୋନାନି ମଲ୍ଲିକ ପ୍ରମୁଖ ରକ୍ତ ସଂଗ୍ରହ କରିବା ସହିତ ନମୁନା ପରୀକ୍ଷା କରିଥିଲେ । ପରିଶେଷରେ ସମ୍ବାଦର ପ୍ରତିନିଧି ଦୀପକ କୁମାର ସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନା ନିରାପତ୍ତାରେ ଚାଲିଛି ଉଚ୍ଚତାସମ୍ପନ୍ନ ବ୍ରିଜ ନିର୍ମାଣ

### ନାହିଁ ସେଫ୍ଟିନେଟ୍, ଲାଇଫ୍ ଲାଇନ୍ ଏବଂ ସେଫ୍ଟି ଜ୍ୟାକେଟ୍



ହରଭଙ୍ଗା: ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ନିର୍ମାଣ ସମୟରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣିଗଡ଼ ନିକଟରେ ସୁଡଙ୍ଗ ଭୁଶୁଡିବା ଘଟଣା ଲୋକଙ୍କ ମନରୁ ଏଯାଏଁ ଲିଭିନାହିଁ। ଏହାପରେ ବି ରେଳୱେ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ହାଏ ଲେବୁଲ ବ୍ରିଜ ନିର୍ମାଣ ସମୟରେ ଶ୍ରମିକଙ୍କ ସୁରକ୍ଷାକୁ କିଭଳି ଅଣଦେଖା କରାଯାଉଛି ତାର ଆଉ ଏକ ବଡ ବ୍ୟତିକ୍ରମ ନଜରକୁ ଆସିଛି। ୨୦ରୁ୩୦ ମିଟର ଉଚ୍ଚତା ସମ୍ପନ୍ନ ବ୍ରିଜ ନିର୍ମାଣ ଚାଲିଥିବାବେଳେ ଶ୍ରମିକଙ୍କ ସୁରକ୍ଷା ପାଇଁ ସୁରକ୍ଷା ଜାଲି, ଲାଇଫ୍ ଲାଇନ, ସେଫ୍ଟି ଜ୍ୟାକେଟ, ଗ୍ଲୋବ୍ସ, ସେଫ୍ଟି ଷ୍ଟିଲ ବୁଟ୍ ଭଳି ସୁରକ୍ଷା ଏବଂ ନିରାପତ୍ତା ଉପକରଣ ବ୍ୟବହାରକୁ ପଛରେ ପକାଇ ଶ୍ରମିକଙ୍କୁ କାମରେ ନିୟୋଜିତ କରାଯାଉଥିବା ଭଳି ଦୁର୍ଭାଗ୍ୟଜନକ ଚିତ୍ର ଦେଖିବାକୁ ମିଳିଛି। ଯାହାଫଳରେ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ଯଦି ଦୁର୍ଘଟଣା ଘଟେ କାର୍ଯ୍ୟରତ ଶ୍ରମିକଙ୍କ ଜୀବନ ଚାଲିଯିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପଟେ ନିର୍ମାଣ କାର୍ଯ୍ୟ ତଦାରଖରେଥିବା ମୁଖ୍ୟ ଯନ୍ତ୍ରୀ, ଡେପୁଟି ଚିଫ୍ ଇଂଜିନିୟର ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଏଥିପ୍ରତି ଆଦୌ ଦୃଷ୍ଟି ନପଡ଼ିବା ସେମାନଙ୍କ କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆକୁ ପଦାରେ ପକାଇଛି ।ପ୍ରକାଶ ଯେ, ପଶ୍ଚିମଓଡିଶାର ଲାଇଫ୍ଲାଇନ୍ କୁହାଯାଉଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପର ପ୍ୟାକେଜ୍-୩ ଅର୍ନ୍ତଗତ ହରଭଙ୍ଗା ବ୍ଲକର ବଦଲାଠାରୁ କଂରଜକଟା ମଧ୍ୟରେ ସମସ୍ତ ମେଜର ବ୍ରିଜ ନିର୍ମାଣାଧିନ ରହିଛି। ଚରିଛକ-ହରଭଙ୍ଗା ପୂର୍ତ୍ତବିଭାଗ ରାସ୍ତାକୁ ରେଳପଥ ଅତିକ୍ରମ କରୁଥିବାରୁ କଂରଜକଟା ନିକଟରେ ବର୍ତ୍ତମାନ ସମୟରେ ସୁଦୀର୍ଘ ରେଲୱେ ହାଏଲେବୁଲ ବ୍ରିଜ ନିର୍ମାଣ ଚାଲିଛି। ମାତ୍ର ହାଏଲବୁଲ ବ୍ରିଜ ନିର୍ମାଣ ସମୟରେ ଠିକାସଂସ୍ଥା ଶ୍ରମିକଙ୍କ ସୁରକ୍ଷାକୁ ପଛରେ ପକାଇ ବିନା ସେଫ୍ଟି ନେଟ, ଲାଇଫ୍ ଲାଇନ୍ ଏବଂ ସେଫ୍ଟି ଜ୍ୟାକେଟରେ କାର୍ଯ୍ୟକରୁଥିବା ଭଳି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ଏଭଳି ଅସୁରକ୍ଷିତ ଭାବେ ଶ୍ରମିକ ଉଚ୍ଚତାସମ୍ପନ୍ନ ବ୍ରିଜ କାର୍ଯ୍ୟ କରୁଥିବାବେଳେ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଡେପୁଟି ଚିଫ୍ ଇଂଜିନିୟରଙ୍କ ଆଦୌ ଦୃଷ୍ଟି ନପଡ଼ିବା ଘଟଣା ଠିକାସଂସ୍ଥା ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ତୁରନ୍ତ ଏ ଦିଗରେ ରେଳ ବିଭାଗ ସିଇଓ ଦୃଷ୍ଟି ଦେବା ସହ ଶ୍ରମିକ ସୁରକ୍ଷା ଦିଗରେ ଆବଶ୍ୟକୀୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ ହେଉଛି । ଏ ସମ୍ପର୍କରେ ପଚାରିବା ପାଇଁ ନିର୍ମାଣ ଦାୟିତ୍ୱରେ ଥିବା ରେଳୱେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀମା ମୂର୍ତ୍ତୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ ନ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାସ୍ତାରେ ଲହଡି ମାରୁଛି ନାଳ ପାଣି; ଏନଏସି ଓ ପୂର୍ତ୍ତ ବିଭାଗ ନିରବଦ୍ରଷ୍ଟା





ଆଠଗଡ: ଆଠଗଡ ସହରର ବିଭିନ୍ନ ୱାର୍ଡରେ ଥିବା ନାଳ ଦୀର୍ଘ ଦିନ ହେଲା ସଫେଇ ବା ନବୀକରଣ ନହେବା ଫଳରେ ନାଳର ଉଦବୃ□ ଜଳ ରାସ୍ତାରେ ଲହଡି ମାରୁଛି । ବିଶେଷକରି ବୀରକିଶୋରପୁର ଛକ ଠାରୁ ଚନ୍ଦବାଲି ଛକ ମଧ ଦେଇ ଯାଇଥିବା ୬୫ନଂ ରାଜ୍ୟ ରାଜପଥରେ ଏହି ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ଏହି ମୁଖ୍ୟ ତଥା ବ୍ୟସ୍ତବହୁଳ ରାସ୍ତା କଡରେ ଥିବା ନାଳ ଦୀର୍ଘ ଦିନ ହେବ ସଫେଇ ନହେବାରୁ ତାହା ବିଭିନ୍ନ ସ୍ଥାନରେ ସମ୍ପୂର୍ଣ୍ଣ ପୋତି ହୋଇପଡିଛି । ଫଳରେ ସାମାନ୍ୟ ବର୍ଷା ହେଲେ ବର୍ଷାଜଳ ନଳ ମଧ୍ୟରେ ନିଷ୍କାସନ ହୋଇନପାରି ରାସ୍ତା ଉପରେ ନାଳ ପାଣି ଓ ବର୍ଷାଜଳ ଏକାକାର ହୋଇ ବୋହୁଛି ।ଏପରିକି ବର୍ଷା ନହେଲେ ବି ନାଳପାଣି ରାସ୍ତା କଡରେ ଅନବରତ ବୋହିଚାଲିଛି। ଫଳରେ ବୀରକିଶୋରପୁର ଠାରୁ ଚନ୍ଦବାଲି ଛକ ମଧ୍ୟରେ ବସବାସ କରୁଥିବା ଜନସାଧାରଣ ଏବଂ ବ୍ୟବସାୟୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହି ରାସ୍ତା ଦେଇ ଦୈନିକ ହଜାର ହଜାର ସଂଖ୍ୟକ ଗାଡିମଟର ଯିବାଆସିବା କରିବା ସମୟରେ ରାସ୍ତା ପାଣି ଛିଟିକି ପଥଚାରୀଙ୍କ ଉପରେ ପଡୁଛି । ନାଳର ପୂତିଗନ୍ଧମୟ ଜଳ ଓ ବର୍ଷାଜଳ ଏକାକାର ହୋଇ ଲୋକଙ୍କ ଘର ଏବଂ ଦୋକାନରେ ପଶିବା ଫଳରେ ପରିବେଶ ଦୂଷିତ ହେଉଛି ।ଏଭଳି ଦୂଷିତ ପରିବେଶ ଯୋଗୁଁ ମଶାମାଛିଙ୍କ ପାଦୁର୍ଭାବ ମଧ ବୃଦ୍ଧି ପାଇବା ଫଳରେ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଏହି କାରଣରୁ ସେ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ପ୍ରକାଶ ପାଉଛି । ବୀରକିଶୋରପୁର ଠାରୁ ଚନ୍ଦବାଲି ଛକ ମଧ୍ୟରେ ବସବାସ କରୁଥିବା ଆଇନଜୀବୀ ପ୍ରଶାନ୍ତ କୁମାର ମିଶ୍ରଙ୍କ ସହିତ ଅନ୍ୟ ବହୁ ବାସିନ୍ଦା ଏସମ୍ପର୍କରେ ଏନଏସି କର୍ତ୍ତୃପକ୍ଷ ଏବଂ ପୂର୍ତ୍ତ ବିଭାଗର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସେମାନେ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନନେଇ ନିରବଦ୍ରଷ୍ଟା ସାଜିଛନ୍ତି । ଶେଷରେ ସେମାନେ ଦୁଇଦିନ ପୂର୍ବରୁ ନାଳର ଏହି ଜଳ ନିଷ୍କାସନ ଓ ଜଳବନ୍ଦୀ ସମସ୍ୟା ସମ୍ପର୍କରେ ଉପଜିଲ୍ଲାପାଳ ଓ କଟକ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ସେନା ଶିବିରରେ ଭୂସ୍ଖଳନ: ୩ ମୃତ, ୯ ଯବାନ ନିଖୋଜ



ଗ୍ୟାଙ୍ଗଟକ୍ : ଉତ୍ତର-ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଏବଂ ଭୂସ୍ଖଳନ ତାଣ୍ଡବ ରଚିଛି। ସିକ୍କିମର ଏକ ସେନା ଶିବିରରେ ଭୂସ୍ଖଳନ ହୋଇଛି। ଏହି ଦୁର୍ଘଟଣାରେ କିଛି ସୈନିକଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ। କୁହାଯାଉଛି ଯେ, ୯ ଜଣ ସୈନିକ ମଧ୍ୟ ନିଖୋଜ ଅଛନ୍ତି। ଏବେ ସନ୍ଧାନ ଅଭିଯାନ ଚାଲିଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଉତ୍ତର ସିକ୍କିମର ଚଟାନରେ ଥିବା ସେନା ଶିବିରରେ ଭୂସ୍ଖଳନ ହୋଇଥିଲା, ଯାହା ଫଳରେ ଆଖପାଖ ଅଞ୍ଚଳରେ ନିର୍ମିତ ଘରଗୁଡ଼ିକୁ ପ୍ରବଳ କ୍ଷତି ହୋଇଥିଲା। ଏହି ଭୂସ୍ଖଳନରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଅନେକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ମୃତକମାନଙ୍କୁ ଚିହ୍ନଟ କରିବା ଏବଂ ନିଖୋଜ ଲୋକଙ୍କୁ ଚିହ୍ନଟ କରିବା ପାଇଁ ଅପରେଶନ କରାଯାଉଛି। ଉତ୍ତର ସିକିମରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁ ପରିସ୍ଥିତି ଏତେ ଖରାପ ହୋଇଯାଇଛି ଯେ ପ୍ରାୟ ୧୫୦୦ ପର୍ଯ୍ୟଟକ ଲୋଚନ ଏବଂ ଲାଚୁଙ୍ଗ ଅଞ୍ଚଳରେ ଫସି ରହିଛନ୍ତି। ମାଙ୍ଗାନ ଜିଲା ଏସପି ସୋନମ ଡେଚୁ ଭୂଟିଆ କହିଛନ୍ତି, ଲାଚେନରେ ୧୧୫ ଏବଂ ଲାଚୁଙ୍ଗରେ ୧୩୫୦ ପର୍ଯ୍ୟଟକ ରହିଛନ୍ତି। ଭୂସ୍ଖଳନ ଯୋଗୁ ଉଭୟ ପାର୍ଶ୍ୱରୁ ରାସ୍ତା ବନ୍ଦ ହୋଇଯାଇଛି। ସମସ୍ତ ପର୍ଯ୍ୟଟକଙ୍କୁ ବର୍ତ୍ତମାନ ପାଇଁ ସେମାନଙ୍କ ହୋଟେଲରେ ରହିବାକୁ ପରାମର୍ଶ ଦିଆଯାଇଛି।

## ମଣିପୁରରେ ପୁଣି ଭୂକମ୍ପର ଝଟକା




ମଣିପୁର : ପୁଣି ଭୂକମ୍ପରେ ଥରିଲା ମଣିପୁର । ଆଜି ମଣିପୁର ଚୁରାଚାନ୍ଦିପୁରରେ ୩.୫ ତୀବ୍ରତାରେ ଭୂକମ୍ପ ଅନୁଭୂତ ହୋଇଛି । ବର୍ଷା, ବନ୍ୟା ପରେ ଭୂକମ୍ପ ମଣିପୁରରେ ଭୟ ସୃଷ୍ଟି କରିଛି । ଯାହା ଫଳରେ ଲୋକ ଘରୁ ବାହାରକୁ ଦୌଡି ଆସିଥିଲେ । ଭୂକମ୍ପର କେନ୍ଦ୍ରସ୍ଥଳ ୧୫ କିଲୋମିଟର ଗଭୀରତାରେ ବୋଲି ଜଣାପଡିଛି । ସୂଚନାନୁଯାୟୀ, ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିପାରିନାହିଁ । ସୋମବାର ଭୂକମ୍ପ ହୋଇଥିବା ସୂଚନା ମିଳୁଛି । ରାତିରେ ଲୋକେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପର ଝଟକା ରାତି ପ୍ରାୟ ୨ଟା ୫୫ମିନିଟରେ ଅନୁଭୂତ ହୋଇଥିଲା । ଯାହା ପରେ ଲୋକଙ୍କ ନିଦ ଭାଙ୍ଗି ଯାଇଥିଲା ଏବଂ ଭୟରେ ଘରୁ ବାହାରି ଯାଇଥିଲେ । ନିକଟରେ ମଣିପୁର ଚୁରାଚାନ୍ଦପୁରରେ ଭୂକମ୍ପ ସୃଷ୍ଟି ହୋଇଥିଲା । ଭୂକମ୍ପର ତୀବ୍ରତା ୫.୨ ରହିଥିଲା । ବିଳମ୍ବିତ ରାତି ପ୍ରାୟ ୧.୫୫ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୪୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ଯାହା ଫଳରେ ଏହାର ପ୍ରଭାବ ଆଖପାଖ ରାଜ୍ୟ ମିଆଁମାର ଏବଂ ବାଂଲାଦେଶରେ ଅନୁଭୂତ ହୋଇଥିଲା । ଚୁରାନ୍ଦରପୁର ପରେ ନୋନୀରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିବା ଘଉଝ ସୂତ୍ରରୁ ଜଣାପଡିଛି । ଯାହାର ତୀବ୍ରତା ୨.୫ ରହିଥିଲା । ଭାରତୀୟ ସମୟାନୁସାରେ ରାତି ୨.୨୬ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା ।

# ପରମାଣୁ ଆଟାକ କରିବ ରୁଷିଆ !



ମସ୍କୋ : ୟୁକ୍ରେନ ଟ୍ରୋଜନ-ହର୍ସ ରଣନୀତି ବ୍ୟବହାର କରି ଟ୍ରକ ଏବଂ ଡ୍ରୋନ ସହିତ ରୁଷ ଉପରେ ଏକ ବଡ଼ ଆକ୍ରମଣ କରିଛି। ଏହି ଆକ୍ରମଣ ଭାରତ ଭଳି ଦେଶ ପାଇଁ ମଧ୍ୟ ବିପଦର ବିଷୟ କାରଣ ନେପାଳ, ଭୁଟାନ ଏବଂ ବାଂଲାଦେଶରୁ ଅନେକ ଟ୍ରକ ଏବଂ ଯାନବାହନ ବାଣିଜ୍ୟ ପାଇଁ ଭାରତକୁ ଆସନ୍ତି। କିଛି ବର୍ଷ ପୂର୍ବେ ପର୍ଯ୍ୟନ୍ତ, ପାକିସ୍ତାନରୁ ମଧ୍ୟ ପଞ୍ଜାବ ଏବଂ ଜମ୍ମୁ-କଶ୍ମୀରର ଅଟାରୀ-ୱାଘା ସୀମା ଦେଇ ସାମଗ୍ରୀ ଆସୁଥିଲା।

ରବିବାର ୟୁକ୍ରେନ ଅନେକ ଋଚଠ ଡ୍ରୋନ ସହିତ ରୁଷର ପାଞ୍ଚଟି ଭିନ୍ନ ଭିନ୍ନ ଅଞ୍ଚଳରେ ଆକ୍ରମଣ କରିଥିଲା। ସ୍ୱର୍ମ ଡ୍ରୋନ ରୁଷର ଚାରୋଟି ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଏୟାରବେସକୁ ବହୁତ କ୍ଷତି ପହଞ୍ଚାଇଥିଲା। ଏହି ଡ୍ରୋନ ରୁଷ ଭିତରେ ୬୦୦ କିଲୋମିଟର ପର୍ଯ୍ୟନ୍ତ ଆକ୍ରମଣ କରିପାରିବ। ୟୁକ୍ରେନର ଗୁଇନ୍ଦା ସଂସ୍ଥା ଝଈଟ ଗତ ଦେଢ଼ ବର୍ଷ ଧରି ଏହି ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିଲା।

ଗ୍ରୀସର ବିଶ୍ୱ ପ୍ରସିଦ୍ଧ ପୌରାଣିକ କାହାଣୀ, ଟ୍ରୋଜନ-ହର୍ସରୁ ପ୍ରେରଣା ନେଇ, ୟୁକ୍ରେନ ଏହି ଡ୍ରୋନଗୁଡ଼ିକୁ ରୁଷ ଭିତରକୁ ପଠାଇଥିଲା। ୟୁକ୍ରେନ ଜାଣିଥିଲା ଯେ ସୀମାବର୍ତ୍ତୀ ବାୟୁମଣ୍ଡଳରେ ରୁଷର ବାୟୁପ୍ରତିରକ୍ଷା ବହୁତ ଶକ୍ତିଶାଳୀ। ଏପରି ପରିସ୍ଥିତିରେ, ସୀମାବର୍ତ୍ତୀ ଅଞ୍ଚଳରୁ ଆକ୍ରମଣ ପାଇଁ ରୁଷର ବାୟୁସେନାକୁ ବହୁ ସଂଖ୍ୟକ ଡ୍ରୋନ ଉଡ଼ାଣ କରିବା ଏକ କଷ୍ଟକର କାମ ହୋଇପାରେ। ଏପରି ପରିସ୍ଥିତିରେ, ୟୁକ୍ରେନୀୟ ଗୁପ୍ତଚର ସଂସ୍ଥା ରାସ୍ତା ମାଧ୍ୟମରେ ରୁଷର ପାଞ୍ଚଟି ଭିନ୍ନ ପ୍ରଦେଶକୁ ବହୁ ସଂଖ୍ୟକ ସାଧାରଣ ଟ୍ରକ ପରିବହନ କରିଥିଲା।

ଏହି ୟୁକ୍ରେନୀୟ ଟ୍ରକଗୁଡ଼ିକରେ ଫଲ୍ସ ସିଲିଂ ପ୍ରସ୍ତୁତ କରାଯାଇଥିଲା। ୟୁକ୍ରେନ ଏହି ଫଲ୍ସ ସିଲିଂରେ ସ୍ୱର୍ମ ଡ୍ରୋନ ଲୁଚାଇ ରଖିଥିଲା। ଏହି ଡ୍ରୋନ୍ଗୁଡ଼ିକ ବୋମା ଏବଂ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ସହିତ ସଜ୍ଜିତ ଥିଲା। ସୀମା ପୋଲିସକୁ ବୋକା ବନାଇ, ୟୁକ୍ରେନ ଏହି ଟ୍ରକଗୁଡ଼ିକୁ ନେଇ ରୁଷର ଚାରୋଟି ରଣନୈତିକ ଏୟାରବେସ ନିକଟରେ ପାର୍କ କରିଥିଲା। ତା'ପରେ, ଏକ ରିମୋଟ ବ୍ୟବହାର କରି ଦୂରରୁ ଟ୍ରକଗୁଡ଼ିକର ସିଲିଂ ଖୋଲି, ସ୍ୱର୍ମ ଡ୍ରୋନ ଗୁଡ଼ିକ ରୁଷର ଏୟାରବେସ ରେ ଠିଆ ହୋଇଥିବା ରଣନୈତିକ ବୋମା ବିସ୍ଫୋରଣକାରୀ ବିମାନ ଉପରେ ଆକ୍ରମଣ କରିଥିଲା। ଡ୍ରୋନ ଆକ୍ରମଣରେ, ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ରୁଷର ବିମାନ ପୋଡ଼ି ପାଉଁଶ ହୋଇଗଲା। ସମାନ କାର୍ଯ୍ୟପ୍ରଣାଳୀ ବ୍ୟବହାର କରି ରୁଷର ପାଞ୍ଚଟି ଭିନ୍ନ ଏୟାରବେସ ଉପରେ ଆକ୍ରମଣ କରାଯାଇଥିଲା। ୟୁକ୍ରେନ ଏହି ଅପରେସନକୁ ସ୍ପାଇଡର୍-ୱେବ ନାମ ଦେଇଛି।

ଗ୍ରୀସର ପ୍ରସିଦ୍ଧ କାହାଣୀ ଟ୍ରୋଜନ ହର୍ସରୁ ପ୍ରେରଣା ନେଇ, ୟୁକ୍ରେନ ରୁଷ ଭିତରେ ଡ୍ରୋନ ପଠାଇଥିଲା। ୟୁକ୍ରେନ ଜାଣିଥିଲା ଯେ ରୁଷର ବାୟୁ ପ୍ରତିରକ୍ଷା ପ୍ରଣାଳୀ ସୀମା ନିକଟରେ ବହୁତ ଶକ୍ତିଶାଳୀ, ତେଣୁ ରୁଷର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସିଧାସଳଖ ରୁଷର ବାୟୁ ଘାଟିକୁ ଡ୍ରୋନ ଉଡ଼ାଣ କରିବା କଷ୍ଟକର ଥିଲା। ଏହି କାରଣରୁ, ୟୁକ୍ରେନର ଗୁପ୍ତଚର ସଂସ୍ଥା ରାସ୍ତା ମାଧ୍ୟମରେ ରୁଷର ପାଞ୍ଚଟି ଭିନ୍ନ ଭିନ୍ନ ଅଞ୍ଚଳକୁ ଅନେକ ସାଧାରଣ ଟ୍ରକ ପଠାଇଥିଲା।

ଏହି ଟ୍ରକଗୁଡ଼ିକର ବାହାର ସିଲିଂ (ଢାଙ୍କୁଣୀ) ପ୍ରତାରଣାମୂଳକ କରାଯାଇଥିଲା। ଟ୍ରକଗୁଡ଼ିକ ଭିତରେ ଡ୍ରୋନ ଲୁଚାଇ ରଖାଯାଇଥିଲା, ଯେଉଁଥିରେ ବୋମା ଏବଂ ବିସ୍ଫୋରକ ସାମଗ୍ରୀ ମଧ୍ୟ ଥିଲା। ସୀମା ପୋଲିସକୁ ଠକି, ୟୁକ୍ରେନ ରୁଷର ଚାରୋଟି ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଏୟାରବେସ ନିକଟରେ ଏହି ଟ୍ରକଗୁଡ଼ିକୁ ପାର୍କ କରିଥିଲା। ତା'ପରେ ରିମୋଟ କଣ୍ଟ୍ରୋଲ ସାହାଯ୍ୟରେ ଦୂରରୁ ଟ୍ରକଗୁଡ଼ିକର ସିଲିଂ ଖୋଲି ଡ୍ରୋନ ମୁକ୍ତ କରାଯାଇଥିଲା ଏବଂ ଡ୍ରୋନ ରୁଷର ଏୟାରବେସ୍ରେ ପାର୍କ ହୋଇଥିବା ବୋମା ବିସ୍ଫୋରଣକାରୀ ବିମାନଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଏହି ଡ୍ରୋନ ଆକ୍ରମଣରେ, ରୁଷର ପରମାଣୁ ଅସ୍ତ୍ର ବହନ କରୁଥିବା ବିମାନଗୁଡ଼ିକ ପୋଡ଼ି ଯାଇଥିଲା। ରୁଷର ପାଞ୍ଚଟି ଭିନ୍ନ ଭିନ୍ନ ଏୟାରବେସ ଉପରେ ସମାନ ଆକ୍ରମଣ କରାଯାଇଥିଲା। ୟୁକ୍ରେନ ଏହି ଅପରେସନକୁ "ସ୍ପାଇଡର-ୱେବ" ନାମ ଦେଇଛି।

ରୁଷ ନିଜେ ସ୍ୱୀକାର କରିଛି ଯେ ୟୁକ୍ରେନ ଆକ୍ରମଣରେ ପାଞ୍ଚଟି ସାମରିକ ଏୟାରବେସ କ୍ଷତିଗ୍ରସ୍ତ ହୋଇଛି। ଏହି ଏୟାରବେସ ମୁର୍ମାନ୍ସ୍କ, ଇର୍କୁଟସ୍କ, ଇଭାନୋଭୋ, ରିଆଜାନ ଏବଂ ଅମୁର ଅଞ୍ଚଳରେ ଅଛି। ରୁଷ କହିଛି ଯେ ଇଭାନୋଭୋ, ରିଆଜାନ ଏବଂ ଅମୁରକୁ ଆସୁଥିବା ସମସ୍ତ ଋଚଠ (ପ୍ରଥମ ବ୍ୟକ୍ତି ଦୃଶ୍ୟ) ଡ୍ରୋନକୁ ବନ୍ଦ କରିଦିଆଯାଇଛି, କିନ୍ତୁ ମୁର୍ମାନ୍ସ୍କ ଏବଂ ଇର୍କୁଟସ୍କରେ ଅନେକ ବିମାନ କ୍ଷତିଗ୍ରସ୍ତ ହୋଇଛି। ରୁଷ ଦାବି କରିଛି ଯେ ଏହି ଆକ୍ରମଣରେ କୌଣସି ସୈନିକ ଆହତ କିମ୍ବା ମୃତାହତ ହୋଇନାହାଁନ୍ତି। ରୁଷ କିଛି ଲୋକଙ୍କୁ ଗିରଫ ମଧ୍ୟ କରିଛି।

ଏହି ଆକ୍ରମଣ ସମୟରେ, ୟୁକ୍ରେନ ରୁଷର ଏକ ପରମାଣୁ ବୁଡ଼ାଣି ଘାଟି ନିକଟରେ ମଧ୍ୟ ଆକ୍ରମଣ କରିଥିଲା। ଏହା ବ୍ୟତୀତ ୟୁକ୍ରେନ କୁର୍ସ୍କ ଏବଂ ବ୍ରାୟନସ୍କ ଅଞ୍ଚଳରେ ବୋମା ପକାଇଥିଲା ଏବଂ ରୁଷର ରେଳ ବ୍ରିଜକୁ ଧ୍ୱଂସ କରିଥିଲା, ଯାହା ଫଳରେ ଦୁଇଟି ବଡ଼ ଟ୍ରେନ ଦୁର୍ଘଟଣା ଘଟିଥିଲା।

ଡିସେମ୍ବର ୧୯୪୧ରେ ପର୍ଲ ହାର୍ବରର ଆକ୍ରମଣ ଦ୍ୱିତୀୟ ବିଶ୍ୱଯୁଦ୍ଧର ଏକ ପ୍ରମୁଖ ଘଟଣା ଥିଲା, ଯାହାକୁ ଇତିହାସରେ ଏପର୍ଯ୍ୟନ୍ତ ମନେ ରଖାଯାଇଛି। ଜାପାନ ହଠାତ ହାୱାଇର ଓଆହୁରେ ଅବସ୍ଥିତ ଆମେରିକୀୟ ନୌସେନାର ପର୍ଲ ହାର୍ବର ଘାଟି ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ, ଜାପାନୀ ନୌସେନାର ୧୭୭ ବିମାନ ଘାଟିକୁ ଟାର୍ଗେଟ କରିଥିଲା।

ଜାପାନର ଲକ୍ଷ୍ୟ ଥିଲା ଆମେରିକୀୟ ନୌସେନାର ପ୍ରଶାନ୍ତ ମହାସାଗରୀୟ ନୌସେନାକୁ ସର୍ବାଧିକ କ୍ଷତି ପହଞ୍ଚାଇବା, ଯାହା ଦ୍ୱାରା ଜାପାନର ଦକ୍ଷିଣ-ପୂର୍ବ ଏସିଆରେ ବ୍ରିଟିଶ, ଡଚ ଏବଂ ଆମେରିକୀୟ ଅଞ୍ଚଳ ଉପରେ ଗୋଟିଏ ଦିନରେ ଆକ୍ରମଣ ବନ୍ଦ କରାଯାଇ ପାରିବ ନାହିଁ। ପ୍ରଥମ ଆକ୍ରମଣରେ, ସେମାନେ ହ୍ୟାଙ୍ଗରରେ ବୋମା ପକାଇ ପାର୍କିଂ ହୋଇଥିବା ବିମାନଗୁଡ଼ିକୁ ଟାର୍ଗେଟ କରିଥିଲେ। ଏହା ସହିତ, ବନ୍ଦରରେ ଉପସ୍ଥିତ ଆମେରିକୀୟ ଯୁଦ୍ଧଜାହାଜ ଉପରେ ଟର୍ପେଡୋ ମାଡ଼ କରାଯାଇଥିଲା। ଆକ୍ରମଣର ପ୍ରଥମ ପାଞ୍ଚ ମିନିଟ ମଧ୍ୟରେ, ଟଝଝ ଓକ୍ଲାହୋମା ଏବଂ ଟଝଝ ଆରିଜୋନା ସମେତ ଚାରୋଟି ବଡ଼ ଯୁଦ୍ଧଜାହାଜକୁ ଟାର୍ଗେଟ କରାଯାଇଥିଲା। କିଛି ସମୟ ପରେ, ଆରିଜୋନା ଗୋଳାବାରୁଦ ଡିପୋ ଉପରେ ଏକ ବୋମା ପଡ଼ି ଜାହାଜକୁ ବୁଡ଼ାଇ ଦେଇଥିଲା ଏବଂ ୧,୧୭୭ ଜଣ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ଆକ୍ରମଣ ସେଠାରେ ଶେଷ ହୋଇନଥିଲା। ଗୋଟିଏ ଘଣ୍ଟା ପରେ, ଆହୁରି ୧୬୩ ଜଣ ଜାପାନୀ ବିମାନ ଦ୍ୱିତୀୟ ଆକ୍ରମଣ କରିଥିଲେ। ଦୁଇ ଘଣ୍ଟା ମଧ୍ୟରେ, ୨୧ ଆମେରିକୀୟ ଯୁଦ୍ଧଜାହାଜ ବୁଡ଼ି ଯାଇଥିଲା କିମ୍ବା କ୍ଷତିଗ୍ରସ୍ତ ହୋଇଥିଲା, ୧୮୮ ବିମାନ ନଷ୍ଟ ହୋଇଥିଲା ଏବଂ ୨,୪୦୩ ଆମେରିକୀୟ ସୈନିକ ଏବଂ ମହିଳା ପ୍ରାଣ ହରାଇଥିଲେ। ଏହି ଜାହାଜଗୁଡ଼ିକ ମଧ୍ୟରୁ ଅନେକ ମରାମତି କରାଯାଇଥିଲା ଏବଂ ପରେ ଯୁଦ୍ଧରେ ବ୍ୟବହୃତ ହୋଇଥିଲା।

## ଆମେରିକାରେ ଇସ୍ରାଏଲ ସମର୍ଥକଙ୍କୁ ଟାର୍ଗେଟ

ନୂଆଦିଲ୍ଲୀ : ଆମେରିକାରେ ଇସ୍ରାଏଲ ସମର୍ଥକଙ୍କୁ ଟାର୍ଗେଟ। କୋଲୋରାଡୋର ବୋଲ୍ଡର ସହରରେ ଇସ୍ରାଏଲ ବନ୍ଧକଙ୍କ ମୁକ୍ତି ଦାବିରେ ଏକ ପ୍ରଦର୍ଶନ ହେଉଥିଲା । ଏହି ସମୟରେ ଜଣେ ବ୍ୟକ୍ତି ଆକ୍ରମଣ କରିବାରୁ ପାଖାପାଖି ଛଅ ଜଣ ଆହତ ହୋଇଛନ୍ତି । ତେବେ ଘଟଣାରେ ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ଆକ୍ରମଣକାରୀ "ପାଲେଷ୍ଟାଇନ୍ କୋ ଆଜାଦ କରୋ" ସ୍ଲୋଗାନ ଦେଇଥିଲା ଏବଂ ଏକ ଅସ୍ଥାୟୀ ଫ୍ଲେମ୍ ଥ୍ରୋବର୍ ବ୍ୟବହାର କରିଥିବା ଜଣାପଡ଼ିଛି । ଏହି ଘଟଣା ଗାଜାରେ ଚାଲିଥିବା ଯୁଦ୍ଧ ଏବଂ ଉତ୍ତେଜନାକୁ ପ୍ରତିଫଳିତ କରୁଛି । ସୂଚନା ଅନୁସାରେ କୋଲୋରାଡୋର ବୋଲ୍ଡର ସହରରେ ଇସ୍ରାଏଲୀ ବନ୍ଧକଙ୍କ ମୁକ୍ତି ଦାବି କରି 'ରନ ଫର୍ ଦେୟାର ଲାଇଭ୍ସ' ନାମକ ଏକ ପ୍ରତିବାଦ ହେଉଥିବା ସମୟରେ ଜଣେ ବ୍ୟକ୍ତି ଆକ୍ରମଣ କରିଥିଲେ । ସେଠାରେ ଥିବା ଏକ ମଲ୍ ସାମ୍ନାରେ ହୋଇଥିବା ଏହି ପ୍ରତିବାଦରେ ଅତି କମରେ ଛଅ ଜଣ ଆହତ ହୋଇଥିଲେ । ପରେ ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା । ଏଫବିଆଇ ଏହି ଘଟଣାକୁ 'ଲକ୍ଷ୍ୟବଦ୍ଧ ଆତଙ୍କବାଦୀ ଆକ୍ରମଣ' ବୋଲି କହିଥିବା ବେଳେ ଏଫବିଆଇର ସ୍ୱତନ୍ତ୍ର ଏଜେଣ୍ଟ ମାର୍କ ମିଚାଲେକ ଆକ୍ରମଣକାରୀକୁ ଚିହ୍ନଟ କରିଛନ୍ତି । ମାର୍କ ମିଚାଲେକଙ୍କ ଅନୁଯାୟୀ, ସନ୍ଦିଗ୍ଧ ବ୍ୟକ୍ତି ଜଣେ ୪୫ ବର୍ଷୀୟ ବ୍ୟକ୍ତି ହୋଇଥିବା ବେଳେ ତା ନାଁ ମହମ୍ମଦ ସାବ୍ରି ସୋଲିମାନ ବୋଲି ଜଣାପଡିଛି । ମହମ୍ମଦ ସାବ୍ରି 'ଫ୍ରି ପାଲେଷ୍ଟାଇନ' ବୋଲି ଚିତ୍କାର କରିଥିଲା ଏବଂ ଆକ୍ରମଣରେ ଏକ ଅସ୍ଥାୟୀ ଫ୍ଲେମ୍ ଥ୍ରୋବର ବ୍ୟବହାର କରିଥିଲା । ଆକ୍ରମଣ ପରେ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ସାବ୍ରି ମଧ୍ୟ ଆହତ ହୋଇଥିଲା ତେଣୁ ତାକୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି । ଗାଜାରେ ଇସ୍ରାଏଲର ଯୁଦ୍ଧକୁ ନେଇ ଆମେରିକାରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହି ଘଟଣା ଘଟିଛି । ଆମେରିକା ଇସ୍ରାଏଲର ସବୁଠାରୁ ବଡ଼ ସହଯୋଗୀ । ତେବେ ଏହି ଯୁଦ୍ଧରେ ଗାଜାର ୫୪,୦୦୦ରୁ ଅଧିକ ଲୋକଙ୍କୁ ହତ୍ୟା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ଏବଂ ଶିଶୁ ଅଛନ୍ତି । ଏହି ଯୁଦ୍ଧରେ ପ୍ରାୟ ୨.୩ ନିୟୁତ ଲୋକ ଦୁର୍ଭିକ୍ଷର ସମ୍ମୁଖୀନ ହୋଇଛନ୍ତି । ହମାସ ଏବେ ବି ପ୍ରାୟ ୫୮ଜଣ ଇସ୍ରାଏଲୀଙ୍କୁ ବନ୍ଦୀ କରି ରଖିଛି, ଯାହାଙ୍କୁ ମୁକ୍ତି କରିବା ପାଇଁ ବୋଲ୍ଡରରେ ପ୍ରତିବାଦ କରାଯାଉଥିଲା । ତେବେ ଆକ୍ରମଣକାରୀ ମହମ୍ମଦ ସାବ୍ରି କିଏ?: ଏଫବିଆଇ ୪୫ ବର୍ଷୀୟ ମହମ୍ମଦ ସାବ୍ରି ସୋଲିମାନଙ୍କୁ ସେହି ସନ୍ଦିଗ୍ଧ ବ୍ୟକ୍ତି ଭାବରେ ଚିହ୍ନଟ କରିଛି । ତେବେ ଇସ୍ରାଏଲ୍ ସମର୍ଥକ ପ୍ରଦର୍ଶନରେ ଅଂଶଗ୍ରହଣ କରୁଥିବା ଲୋକଙ୍କ ଉପରେ ମହମ୍ମଦ ସାବ୍ରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣର ଭିଡିଓ ଫୁଟେଜ୍ ବର୍ତ୍ତମାନ ସୋସିଆଲ ମିଡିଆରେ ଘୂରି ବୁଲୁଛି । ଭାଇରାଲ ହେଉଥିବା ଭିଡିଓରେ ସୋଲିମାନ ପ୍ରତିବାଦକାରୀମାନଙ୍କୁ ଆକ୍ରମଣ କରୁଥିବା ଜଣା ପଡ଼ିଛି । ଗାଜାରେ ଯୁଦ୍ଧବିରତି ଏବଂ ଇସ୍ରାଏଲର ଲଗାତାର ଆକ୍ରମଣ ଯୋଗୁଁ ସାରା ବିଶ୍ୱରେ ଇସ୍ରାଏଲ ବିରୋଧରେ ପ୍ରତିବାଦ ହେଉଛି । ଗତ ମାସରେ ୱାଶିଂଟନ ଡିସିରେ ଇସ୍ରାଏଲ ଦୂତାବାସର ଦୁଇଜଣ କର୍ମଚାରୀଙ୍କ ଜୀବନ ନିଆଯାଇଥିଲା । ପରେ ହତ୍ୟାକାଣ୍ଡର ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗେଜକୁ ଗିରଫ କରାଯାଇଥିଲା । ଏହି ଆକ୍ରମଣ ମଧ୍ୟ ପାଲେଷ୍ଟାଇନକୁ ସମର୍ଥନ ଉଦ୍ଦେଶ୍ୟରେ କରାଯାଇଥିଲା।

## ପ୍ରଥମଥର ପାଇଁ ଜି-୭ ସମ୍ମିଳନୀରେ ଯୋଗ ଦେବେ ନାହିଁ ପ୍ରଧାନମନ୍ତ୍ରୀ ମୋଦି !

ନୂଆଦିଲ୍ଲୀ : ଆଗାମୀ ଜି-୭ ସମ୍ମିଳନୀ ପାଇଁ କାନାଡା ଗସ୍ତ କରିବେ ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତ ଓ କାନାଡା ମଧ୍ୟରେ ସମ୍ପର୍କ ଏବେ ଠିକ ନଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଜି-୭ ସମ୍ମିଳନୀରେ ଯୋଗ ଦେବେ ନାହିଁ ବୋଲି ଜଣାପଡ଼ିଛି। ଜି-୭ ସମ୍ମିଳନୀ ପାଇଁ କାନାଡା ଏଯାଏ ଭାରତକୁ ନିମନ୍ତ୍ରଣ କରିନି। ଯଦି ବି କାନାଡା ନିମନ୍ତ୍ରଣ କରେ, ତଥାପି ଭାରତର ପ୍ରଧାନମନ୍ତ୍ରୀ ସମ୍ମିଳନୀକୁ ଯିବେ ନାହିଁ। ବିଶ୍ୱର ପ୍ରମୁଖ ଶିଳ୍ପ ଭିତ୍ତିକ ଦେଶଗୁଡ଼ିକ ଜ-୭ ଗଠନ କରିଛନ୍ତି। ଏଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ, ଜାପାନ, ଆମେରିକା ଓ କାନାଡା ରହିଛନ୍ତି। ବୈଠକରେ ୟୁରୋପୀୟ ୟୁନିୟନ, ଆଇଏମଏଫ, ବିଶ୍ୱ ବ୍ୟାଙ୍କ ଓ ମିଳିତ ଜାତିସଂଘ ସମେତ ଆଉ କିଛି ସଦସ୍ୟ ରାଷ୍ଟ୍ରଙ୍କୁ ନିମନ୍ତ୍ରଣ କରାଯାଏ। ଦକ୍ଷିଣ ଆଫ୍ରିକା, ୟୁକ୍ରେନ, ବ୍ରାଜିଲ ଓ ଅଷ୍ଟ୍ରେଲିଆ ସରକାରଙ୍କୁ କାନାଡା ଜି-୭ ପାଇଁ କରିଥିବା ନିମନ୍ତ୍ରଣକୁ ସେମାନେ ଗ୍ରହଣ କରି ନିଆଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଜୁନ ୧୬ରୁ ୧୭ ଯାଏ ଜି-୭ ସମ୍ମିଳନୀର ଆୟୋଜନ କାନାଡା କରିବାକୁ ଯାଉଛି। ହେଲେ କାନାଡା ପକ୍ଷରୁ ଏଯାଏ ଭାରତକୁ କୌଣସି ପ୍ରକାରର ନିମନ୍ତ୍ରଣ କରାଯାଇ ନାହିଁ। ସେହିପରି ଭାରତୀୟ ନେତୃବୃନ୍ଦ ମଧ୍ୟ କାନାଡା ଯାଇ ସମ୍ମିଳନୀରେ ସାମିଲ ହେବା ସପକ୍ଷରେ ନାହାନ୍ତି। କୌଣସି ଉଚ୍ଚସ୍ତରୀୟ ଗସ୍ତ ପୂର୍ବରୁ ପ୍ରଥମେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିବା ଦରକାର ବୋଲି ଭାରତ ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ଏଥିସହ ଭବିଷ୍ୟତରେ ଯଦି ପ୍ରଧାନମନ୍ତ୍ରୀ ମୋଦି କାନାଡା ଗସ୍ତ କରନ୍ତି, ତା'ହେଲେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ସେଠାକାର ସରକାର ପ୍ରଥମେ ନିଶ୍ଚିତ କରିବା ଦରକାର। ୨୦୧୯ରୁ ପ୍ରତିଟି ଜି-୭ ସମ୍ମିଳନୀ ପାଇଁ ଭାରତକୁ ଆୟୋଜକ ରାଷ୍ଟ୍ରଗୁଡ଼ିକ ନିମନ୍ତ୍ରଣ କରୁଥିଲେ। ଭାରତର ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ନିମନ୍ତ୍ରଣ ରକ୍ଷା କରି ଜି-୭ ସମ୍ମିଳନୀରେ ସାମିଲ ହେଉଥିଲେ। କିନ୍ତୁ ଏଥର କାନାଡା ଜି-୭ ସମ୍ମିଳନୀ ଆୟୋଜନ କରୁଥିବାରୁ ମୋଦି ଏଥିରେ ସାମିଲ ହେବେ ନାହିଁ। ଗତ ମାସରେ ବୈଦେଶିକ ମନ୍ତ୍ରଣାଳୟ ଦୁଇ ଥର କହି ସାରିଛି ଯେ ଜି-୭ ବୈଠକ ପାଇଁ ପ୍ରଧାନମନ୍ତ୍ରୀ କାନାଡା ଗସ୍ତ କରିବାର କୌଣସି ସୂଚନା ଏଯାଏ ଆସି ନାହିଁ। ତେବେ କାନାଡାର ବୈଦେଶିକ ମନ୍ତ୍ରୀ ଅର୍କିତା ଆନନ୍ଦ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି ଯେ ଦେଶର ନୂଆ ମାର୍କ କାର୍ଣ୍ଣେୟ ସରକାର ଭାରତ ସହ ଭଲ ବନ୍ଧୁତା ସ୍ଥାପନ କରିବାକୁ ଆଗ୍ରହୀ ରହିଛନ୍ତି। ଏଥିସହ କାନାଡା ମାଟିରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜାରର ହତ୍ୟାକୁ ନେଇ ଭାରତ ସହ ଥିବା ସମ୍ପର୍କରେ ତିକ୍ତତା ଆସିଥିବା ସେ ସ୍ୱୀକାର କରିଛନ୍ତି। ନିଜାର ହତ୍ୟାକାଣ୍ଡରେ ଭାରତ ସରକାର ସାମିଲ ଥିବା କାନାଡାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିଲା।

## ୫୧ ଲକ୍ଷ ନଗଦ ଟଙ୍କା ଓ ଅଳଙ୍କାର ଚୋରି ଘଟଣାରେ ପୁଲିସ୍‌କୁ ବାନ୍ଧିଲା ପୁଲିସ୍




ନୂଆଦିଲ୍ଲୀ : ପୁଲିସ୍‌କୁ ବାନ୍ଧିଲା ପୁଲିସ୍। ଚୋରି ଘଟଣାରେ ଗିରଫ ହୋଇଛନ୍ତି ଜଣେ ହେଡ୍ କନଷ୍ଟେବଲ। ୫୧ ଲକ୍ଷ ନଗଦ ଟଙ୍କା ଓ ମୂଲ୍ୟବାନ ଅଳଙ୍କାର ଚୋରି ଘଟଣାରେ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ୍ ହେଡ୍ କନଷ୍ଟେବଲ ଖୁର୍ଶିଦଙ୍କୁ ଗିରଫ କରିଛି। ଲୋଧି ରୋଡରେ ଥିବା ପୁଲିସ୍‌ର ମାଲଖାନାରୁ ହେଡ୍ କନଷ୍ଟେବଲ ଖୁର୍ଶିଦ ଏପରି ଚୋରି କରିଥିଲେ। ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ୍‌ର ମାଲଖାନାରେ ଖୁର୍ଶିଦ ଦୀର୍ଘ ଦିନ ହେଲା ନିଯୁକ୍ତି ପାଇଥିଲେ। ଏଠାରେ ସ୍ପେଶାଲ ଜବତ କରୁଥିବା ସୁନା ଅଳଙ୍କାର ଓ ନଗଦ ଟଙ୍କା ଗଚ୍ଛିତ ହୋଇ ରହିଥାଏ। ନିକଟରେ ଖୁର୍ଶିଦଙ୍କ ବଦଳି ପୂର୍ବ ଦିଲ୍ଲୀକୁ ହୋଇ ଯାଇଥିଲା। ବଦଳି ହୋଇ ଯାଇଥିବାରୁ ଶୁକ୍ରବାର ରାତିରେ ସେ ମାଲଖାନାରୁ ୫୧ ଲକ୍ଷ ନଗଦ ଟଙ୍କା ଓ ଅଳଙ୍କାର ଚୋରି କରିଥିଲେ। ଚୋରି ସମ୍ପର୍କରେ ମାଲଖାନା ଇନଚାର୍ଜ ଜାଣି ନେଇଥିଲେ। ଏହାପରେ ସିସିଟିଭି ଯାଞ୍ଚ ହୋଇଥିଲା। ଏହି ସମୟରେ ଖୁର୍ଶିଦ ଚୋରିରେ ସାମିଲ ଥିବା ଜଣାପଡ଼ିଥିଲା। ଏହାପରେ ସ୍ପେଶାଲ ସେଲ ତାଙ୍କୁ ଶନିବାର ଗିରଫ କରିଛି। ତାଙ୍କ ଠାରୁ ଚୋରି ହୋଇଥିବା ଟଙ୍କା ଓ ଅଳଙ୍କାରକୁ ଜବତ କରାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀ ପୁଲିସ୍ କ୍ରାଇମ ବ୍ରାଞ୍ଚର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ତିଲକ ନଗରର ପୁରୁଣା ମହାବୀର ନଗରରେ ରବିବାର ରେଡ କରିଥିଲା। ଏହି ସମୟରେ ବ୍ୟାନ ହୋଇଥିବା ନିଶା ଦ୍ରବ୍ୟ ସହ ନାଇଜେରିଆର ଡାଭିଡ ଲାନ୍ନେ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତା' ନିକଟରୁ ୨୮୨ ଗ୍ରାମର କୋକେନ ଜବତ ହୋଇଛି। ନିର୍ଦ୍ଦିଷ୍ଟ ଗୁଇନ୍ଦା ତଥ୍ୟ ଓ ସର୍ଭେଲାନ୍ସ ବଳରେ ଏପରି ରେଡ ହୋଇଥିଲା। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସନ୍ଦିଗ୍ଧ ଜଣକ ଗୋଟିଏ ବ୍ୟାଗ ଧରି ଯାଉଥିଲା। ଉକ୍ତ ବ୍ୟାଗରୁ ହଳଦିଆ ରଙ୍ଗର କିଛି ପାଉଡର ଜବତ କରାଯାଇଥିଲା। ଫରେନ୍ସିକ ସାଇନ୍ସ ଲ୍ୟାବରେ ଏହାକୁ ପରୀକ୍ଷା କରାଯିବାରୁ ସେଗୁଡ଼ିକ କୋକେନ ବୋଲି ସ୍ପଷ୍ଟ ହୋଇଛି। ଏହି ଘଟଣାରେ ଡାଭିଡ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

## ଆନ୍ନା ବିଶ୍ୱବିଦ୍ୟାଳୟ ଯୌନ ଉତ୍ପୀଡ଼ନ ମାମଲାରେ ଦୋଷୀକୁ ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ : ଆନ୍ନା ବିଶ୍ୱବିଦ୍ୟାଳୟ ଯୌନ ଉତ୍ପୀଡ଼ନ ମାମଲାରେ ଦୋଷୀକୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ମେ ୩୧ରେ କୋର୍ଟ ଅଭିଯୁକ୍ତ ଜ୍ଞାନଶେଖରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜି ଦଣ୍ଡ ଶୁଣାଣି ପାଇଁ ଦିନ ସ୍ଥିର କରିଥିଲେ । ତାମିଲନାଡୁର ଆନ୍ନା ବିଶ୍ୱବିଦ୍ୟାଳୟ । ସେହି ସମୟରେ ଚର୍ଚ୍ଚା ପରିସରକୁ ଆସିଥିଲା ଯେବେ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ କରାଯିବ ଭିଡିଓ ଦେଖାଇ ତାଙ୍କୁ ବ୍ଲାକମେଲ୍ କରାଯାଉଥିଲା । ଏହି ଘଟଣା ପୂରା ରାଜ୍ୟକୁ ଦୋହଲାଇ ରଖିଥିଲା । ସେପଟେ ଶାସକ ଡିଏମକେକୁ ଟାର୍ଗେଟ କରି ପୂର୍ବତନ ବିଜେପି ପ୍ରଦେଶ ଅଧ୍ୟକ୍ଷ ଆନ୍ନାମଲାଇ ନିଜକୁ ଚାବୁକ ମାଡ଼ କରି ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ଆଗେଇ ଆସିଥିଲେ । ଶାସକ ଡିଏମକେ ସହ ଅଭିଯୁକ୍ତ ଜ୍ଞାନଶେଖର ସମ୍ପର୍କକୁ ବିଜେପି ବଡ ପ୍ରସଙ୍ଗ କରିଥିଲା । ଏପରିକି ଡିଏମେକର ବରିଷ୍ଠ ନେତାଙ୍କ ଅଭିଯୁକ୍ତ ଉଠାଇଥିବା ଫଟୋକୁ ପୋଷ୍ଟ କରି ବିଜେପି ଏହାକୁ ଏକ ବଡ ରାଜନୈତିକ ପ୍ରସଙ୍ଗ କରିଥିଲା ୨୦୨୪ ଡିସେମ୍ବର ୨୩ । ବିଶ୍ୱବିଦ୍ୟାଳୟ ପରିସରରେ କ୍ୟାଣ୍ଟିନ ଚଲାଉଥିବା ଜ୍ଞାନଶେଖର ଜଣେ ୧୯ବର୍ଷୀୟ ଛାତ୍ରୀଙ୍କ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । କେବଳ ସେତିକି ନୁହେଁ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟ ନିସ୍ଥୁକ ମାଡ ମାରିଥିଲା ଅଭିଯୁକ୍ତ । ପରେ ଭିଡିଓ ଦେଖାଇ ବାରମ୍ବାର ବ୍ଲାକମେଲ୍ କରୁଥିବା ଜ୍ଞାନଶେଖରଙ୍କୁ ପୁଲିସ ଗିରଫ ନ କରିବା ଘଟଣାକୁ ବିଜେପି ଏକ ବଡ ପ୍ରସଙ୍ଗର ରୂପ ଦେବା ସହ ଡିଏମକେକୁ ବାରମ୍ବାର ଟାର୍ଗେଟ କରିଥିଲା

# ସେପ୍ଟେମ୍ବର ୩୦ରୁ ମହିଳା ଦିନିକିଆ ବିଶ୍ୱକପ

## ନଭେମ୍ବର ୨ରେ ଫାଇନାଲ୍, ଶ୍ରୀଲଙ୍କାରେ ସବୁ ମ୍ୟାଚ୍ ଖେଳିବ ପାକିସ୍ତାନ

ଦୁବାଇ, ୨।୬(ଏଜେନସି୍): ଆଇସିସି ମହିଳା ଦିନିକିଆ ବିଶ୍ୱକପର ୧୩ତମ ସଂସ୍କରଣର ତାରିଖ ଘୋଷଣା ହୋଇଛି। ଆସନ୍ତା ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ବିଶ୍ୱକପ ଅନୁଷ୍ଠିତ ହେବ। ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରିବେ। ଦୀର୍ଘ ଗୋଟିଏ ଦଶନ୍ଧି ପରେ ମହିଳା ଦିନିକିଆ ବିଶ୍ୱକପର ଆୟୋଜନ ଏସିଆ ମହାଦେଶରେ ହେବାକୁ ଯାଉଛି।



ଆଇସିସିର ଘୋଷଣା ଅନୁଯାୟୀ, ମହିଳା ଦିନିକିଅର। ବିଶ୍ୱକପର ସମସ୍ତ ମ୍ୟାଚ୍ ୫ଟି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତର ୪ଟି ଷ୍ଟାଡିୟମ ଓ ଶ୍ରୀଲଙ୍କାର ଗୋଟିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ, ଗୁହାଟୀର ଏସିଏ ଷ୍ଟାଡିୟମ, ଇନ୍ଦୋରର ହୋଲକର ଷ୍ଟାଡିୟମ, ବିଶାଖାପଟନମର ଏସିଏ-ଭିଡିସିଏ ଷ୍ଟାଡିମୟ ଓ ଶ୍ରୀଲଙ୍କାର କଲମ୍ବୋରେ ଥିବା ଆର ପ୍ରେମଦାସା ଷ୍ଟାଡିୟମରେ ବିଶ୍ୱକପର ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ।

ପାକିସ୍ତାନ ମହିଳା ଟିମ ବିଶ୍ୱକପ ଖେଳିବାକୁ ଭାରତ ଆସିବ ନାହିଁ। ତେଣୁ ପାକିସ୍ତାନ ତାର ମ୍ୟାଚ୍ ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ପୁରୁଷ ଚାମ୍ପିୟନ୍ସ ଟ୍ରଫି ୨୦୨୫ ବେଳେ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିଥିଲା। ତେଣୁ ଭାରତ ତାର ମ୍ୟାଚ୍ ଗୁଡ଼ିକ ନିରେପକ୍ଷ ଭେନ୍ୟୁ ଦୁବାଇରେ ଖେଳିଥିଲା।ଏବେ ମହିଳା ଦିନିକିଆ ବିଶ୍ୱକପ ବେଳେ ପାକିସ୍ତାନ ମହିଳା ଟିମ ଶ୍ରୀଲଙ୍କାରେ ତାର ସମସ୍ତ ମ୍ୟାଚ୍ ଖେଳିବ। ମହିଳା ଦିନିକିଆ ବିଶ୍ୱକପ ବେଙ୍ଗାଲୁରୁରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ଭାରତ ଖେଳିବ। ହେଲେ ଭାରତ କାହା ବିରୋଧରେ ଖେଳିବ, ତାର ନିଷ୍ପତ୍ତି ଆଇସିସି ଏଯାଏ ନେଇ ନାହିଁ।

ଆଇସିସି କହିଛି ଯେ ବିଶ୍ୱକପର ପ୍ରଥମ ସେମି ଫାଇନାଲ ଅକ୍ଟୋବର ୨୯ରେ ଗୁହାଟୀ କିମ୍ବା କଲମ୍ବୋରେ ଖେଳାଯିବ। ଦ୍ୱିତୀୟ ସେମି ଫାଇନାଲ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୨ରେ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବ। ପାକିସ୍ତାନ ଯଦି ସେମି କିମ୍ବା ଫାଇନାଲକୁ ଯାଉଛି, ତାହେଲେ ସେହି ଅନୁସାରେ ଭେନ୍ୟୁ ସ୍ଥିର କରାଯିବ।

ମହିଳା ଦିନିକିଆ ବିଶ୍ୱକପରେ ମୋଟ ୮ଟି ଟିମ ଭାଗ ନେବେ। ସେମାନେ ହେଲେ-ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ।

୨୦୨୨ରେ ନ୍ୟୁଜିଲ୍ୟାଣ୍ଡ ମହିଳା ଦିନିକିଆ ବିଶ୍ୱକପର ଆୟୋଜନ କରିଥିଲା। ଏହି ମେଗା ଇଭେଣ୍ଟର ଫାଇନାଲରେ ଇଂଲଣ୍ଡକୁ ଅଷ୍ଟ୍ରେଲିଅର ହରାଇ ଚାମ୍ପିୟନ ହୋଇଥିଲା। ଅଷ୍ଟ୍ରେଲିଆ ସର୍ବାଧିକ ୭ ଥର ମହିଳା ଦିନିକିଅର ବିଶ୍ୱକପ ଜିତିଛି।

# ଆଜି ଆଇପିଏଲ୍ ଫାଇନାଲ : କିଏ ପିନ୍ଧିବ ପ୍ରଥମ ତାଜ୍

ଅହମ୍ମଦାବାଦ, ୨।୬(ଏଜେନ୍ସି): ଆଇପିଏଲ ୨୦୨୫ ମାର୍ଚ୍ଚ ୨୨ ରେ ଆରମ୍ଭ ହୋଇଥିଲା, ପ୍ରାୟ ଅଢ଼େଇ ମାସ ପରେ ଏବେ ଏହା ଫାଇନାଲ ପର୍ଯ୍ୟାୟରେ ପହଂଚି ସାରିଛି । ଲିଗ୍ ପର୍ଯ୍ୟାୟ ଏବଂ ପ୍ଲେଅଫ୍ ମ୍ୟାଚ୍ ର ଚ୍ୟାଲେଞ୍ଜକୁ ଅତିକ୍ରମ କରି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗସ୍ ଟାଇଟଲ୍ ମୁକାବିଲାରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ୍ ଆସନ୍ତାକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ। ଏଥର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ପାଇବ ନୂଆ ଚାମ୍ପିଅନ୍ । କାରଣ ଉଭୟ ପଞ୍ଜାବ କିଙ୍ଗ୍ସ ଏବଂ ଆରସିବି ସେମାନଙ୍କର ପ୍ରଥମ ଆଇପିଏଲ୍ ଟାଇଟଲ୍ ପାଇଁ ଅପେକ୍ଷା କରିଛନ୍ତି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୦ମ ଥର ପାଇଁ ଆଇପିଏଲ୍ ପ୍ଲେଅଫ୍‌ରେ ପହଞ୍ଚିଥିଲା। କିନ୍ତୁ କେବେ ବି ଟାଇଟଲ୍ ଜିତିନଥିଲା। ଚତୁର୍ଥ ଥର ପାଇଁ ଆରସିବି ଦଳ ଆଇପିଏଲ୍ ଫାଇନାଲ୍ ଖେଳିବ ପୂର୍ବରୁ ୨୦୦୯, ୨୦୧୧ ଏବଂ ୨୦୧୬ରେ ଡେକାନ୍ ଚାର୍ଜର୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ହାତରୁ ଫାଇନାଲ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆଧୁନିକ କ୍ରିକେଟ୍ କିମ୍ବଦନ୍ତୀ ବିରାଟ କୋହଲି ତାଙ୍କ ଆଇପିଏଲ୍ କ୍ୟାରିଅର ଆରମ୍ଭରୁ ଆରସିବି ସହିତ ଜଡିତ ଅଛନ୍ତି ଏବଂ ସେ ତାଙ୍କର ପ୍ରଥମ ଆଇପିଏଲ୍ ଟ୍ରଫି ପାଇଁ ମଧ୍ୟ ଅପେକ୍ଷା କରିଛନ୍ତି। ୨୯ ମେରେ ଖେଳାଯାଇଥିବା କ୍ୱାଲିଫାୟର୍ -୧ ମ୍ୟାଚ୍‌ରେ ଆରସିବି ୮ ୱିକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରି ଫାଇନାଲରେ ନିଜର ସ୍ଥାନ ନିଶ୍ଚିତ କରିଥିଲା।




ତେବେ ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଉଭୟ ଦଳର ୫ ଜଣ ଖେଳାଳିଙ୍କୁ ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ନାମ ବିରାଟ କୋହଲିଙ୍କର, ଯିଏ ଫାଇନାଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ରନ ବର୍ଷା କରିବାକୁ ଭଲ ପାଆନ୍ତି। ଟି୨୦ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଯେତେବେଳେ ବିରାଟଙ୍କ ବ୍ୟାଟ୍ ସମଗ୍ର ଟୁର୍ଣ୍ଣାମେଣ୍ଟରେ ନୀରବ ରହିଥିଲା, କିନ୍ତୁ ଫାଇନାଲରେ ତାଙ୍କ ୭୬ ରନର ଇନିଂସ ଟିମ୍ ଇଣ୍ଡିଆକୁ ଚାମ୍ପିଅନ୍ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା। କୋହଲି ଆଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୬୧୪ ରନ କରିଛନ୍ତି ।

ପଞ୍ଜାବ କିଙ୍ଗ୍ସ ଫାଇନାଲରେ ପହଞ୍ଚିବା ପରଠାରୁ ଶ୍ରେୟସ ଆୟର ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛନ୍ତି।ଆୟର ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୬୦୩ ରନ କରିଛନ୍ତି, କ୍ୱାଲିଫାୟର-୨ ମ୍ୟାଚରେ ତାଙ୍କର ୮୭ ରନର ଇନିଂସ ଯୋଗୁଁ ପଞ୍ଜାବ କିଙ୍ଗ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିପାରିଛି। କେବଳ କ୍ୱାଲିଫାୟର-୨ ମ୍ୟାଚରେ ଆୟର ଭଲ ଫର୍ମରେ ନାହାନ୍ତି, ତାଙ୍କ ଅଧିନାୟକତ୍ୱର ଏକ ନିଷ୍ପତ୍ତି ମଧ୍ୟ ମ୍ୟାଚ୍‌କୁ ବଦଳାଇବାର କ୍ଷମତା ରଖିଛି।

**ସ୍ଥାନ-ଅହମ୍ମଦାବାଦ**
**ସମୟ-ସଂଧ୍ୟା ସାଢେ ୭ଟା୩୦**

ହାଜେଲଉଡ୍ ମଧ୍ୟ ଆଇପିଏଲ ୨୦୨୫ରେ ଆରସିବିର ସଫଳତାର ଏକ ପ୍ରମୁଖ କାରଣ। ତାଙ୍କ ତୀକ୍ଷ୍ଣ ବୋଲିଂ ବଳରେ, ହାଜେଲଉଡ୍ ଏପର୍ଯ୍ୟନ୍ତ ୧୧ ମ୍ୟାଚରେ ୨୧ ୱିକେଟ୍ ନେଇଛନ୍ତି। ହାଜେଲଉଡ୍ କ୍ୱାଲିଫାୟର-୧ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୩ ୱିକେଟ୍ ନେଇଥିଲେ। ଏବେ ପୁଣି ସେ ସେହି ପଞ୍ଜାବ ଦଳ ସହିତ ମୁକାବିଲା କରିବେ।

ଅର୍ଶଦୀପ ସିଂହ ଗତ କିଛି ବର୍ଷ ମଧ୍ୟରେ ଭାରତର ଶ୍ରେଷ୍ଠ ଟି୨୦ ବୋଲରମାନଙ୍କ ମଧ୍ୟରୁ ଅନ୍ୟତମ। ଅର୍ଶଦୀପ ଚଳିତ ସିଜନରେ ୧୮ କେଟ୍ ନେଇଛନ୍ତି ଏବଂ ବାମହାତୀ ଦ୍ରୁତ ବୋଲର ହେବା ପଞ୍ଜାବ କିଙ୍ଗସ୍ ପାଇଁ ଏକ ବଡ଼ ଲାଭ ଦେଇପାରେ ।

ଜିତେଶ ଶର୍ମା ଯଦିଓ ସର୍ବାଧିକ ରନ ସ୍କୋରର ହୋଇନାହାନ୍ତି, ସେ ଏପର୍ଯ୍ୟନ୍ତ ୧୪ ମ୍ୟାଚରେ କେବଳ ୨୩୭ ରନ କରିଛନ୍ତି।କିନ୍ତୁ ଗତ ଲିଗ ମ୍ୟାଚରେ ଏଲଏସଜି ବିପକ୍ଷରେ ତାଙ୍କ ବ୍ୟାଟ୍ ଯେପରି ଗର୍ଜନ କରିଥିଲା। ତାହା ଦର୍ଶାଉଛି ଯେ ସେ ଏପରି ବିସ୍ଫୋରକ ଇନିଂସ ଖେଳିବାକୁ ଆଗ୍ରହୀ। ସେ ଲକ୍ଷ୍ମୌ ବିପକ୍ଷରେ ୩୩ ବଲରେ ୮୫ ରନ କରିଥିଲେ ତାଙ୍କର ଏପରି ଆଉ ଏକ ଇନିଂସ ପଞ୍ଜାବ କିଙ୍ଗସ୍ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ।

### ଜାତୀୟ ଉପ କନିଷ୍ଠ ଉଷୁ ପ୍ରତିଯୋଗିତା

# ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଲେ ମଣ୍ଡପଡା ସ୍କୁଲ ଛାତ୍ରଛାତ୍ରୀ




ପଟ୍ଟାମୁଣ୍ଡାଇ, ୨।୬: ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ ଓଡିଶାରୁ ୬୫ ଜଣିଆ ଦଳ,ଜାତୀୟ ଉପ କନିଷ୍ଠ ଉଷୁ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ। ତାମିଲନାଡୁ ର ନମକ୍କାଲା ଚିରୁ ବେଙ୍ଗଡ଼େ ଠାରେ ଗତ ୨୬ ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତା କେନ୍ଦ୍ରାପଡ଼ା ଜିଲ୍ଲାରୁ ବିଶେଷ କରି ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡା ସ୍କୁଲ ର ଏକାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରଥିଲେ। ମୁଖ୍ୟ କୋଚ ସୁଶୀଲ କୁମାର ସାମଲଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ତଥା ଜିଲ୍ଲା ଉଷୁ ସଂଘ ସଭାପତି ସଂଗ୍ରାମ ସାମଲ, ଉପସଭାପତି ଅବିନାଶ ପ୍ରଧାନ ଓ ସମ୍ପାଦିକା ପଲ୍ଲବୀ ସାମଲଙ୍କ ପ୍ରୋତ୍ସାହନ ରେ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଅନନ୍ୟା ଗେରୁ ଓ ଆଦର୍ଶ ପ୍ରଧାନ ବ୍ରୋଞ୍ଜ ମେଡାଲ ପାଇଛନ୍ତି ।ସ୍ମରଣଯୋଗ୍ୟ ବିଗତ କିଛି ବର୍ଷ ହେବ ରାଜ୍ୟ ଓ ଜାତୀୟ ସ୍ତରୀୟ ଉଷୁ ପ୍ରତିଯୋଗିତାରେ ପଟ୍ଟାମୁଣ୍ଡାଇ ମଣ୍ଡପଡା ସ୍କୁଲ ଛାତ୍ର ଛାତ୍ରୀ ସଫଳତା ପାଇ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗୌରବ ଆଣୁଛନ୍ତି।

## ରାଜୀବ ଶୁକ୍ଲା ହେଲେ ବିସିସିଆଇର ଅନ୍ତରୀଣ ଅଧକ୍ଷ

ନୂଆଦିଲ୍ଲୀ: ରାଜୀବ ଶୁକ୍ଲାଙ୍କୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଅନ୍ତରୀଣ ଅଧକ୍ଷ ଭାବରେ ନିଯୁକ୍ତ କରାଯାଇଛି ରୋଜର ବିନ୍ନି ଏହି ପଦବୀରୁ ଅବସର ନେବା ପରେ ରାଜୀବ ଶୁକ୍ଲାଙ୍କୁ ବିସିସିଆଇର ଅନ୍ତରୀଣ ଅଧକ୍ଷ କରାଯିବ ପୂର୍ବତନ କ୍ରିକେଟର ରୋଜର ବିନ୍ନି ୨୦୨୨ରୁ ଏହି ପଦବୀରେ ଅଛନ୍ତି । ବର୍ତ୍ତମାନ ତାଙ୍କର କାର୍ଯ୍ୟକାଳ ୧୯ ଜୁଲାଇ, ୨୦୨୫ରେ ଶେଷ ହେବ, ଯାହା ପରେ ସେ ଅବସର ନେବେ ।

# ଫାଇନାଲରେ ବର୍ଷା ସାଜିପାରେ କାଳ

ନୂଆଦିଲ୍ଲୀ: ଆଇପିଏଲ ଫାଇନାଲକୁ ଏବେ ଉତ୍ସାହର ସହିତ ଅପେକ୍ଷା କରାଯାଉଛି। ବିଶେଷ କଥା ହେଉଛି ଯେ ବହୁ ବର୍ଷ ପରେ ଏପରି ଏକ ସୁଯୋଗ ଆସୁଛି ଯେ ଫାଇନାଲରେ ଯେଉଁ ଦଳ ଜିତିଲେ ମଧ୍ୟ, ଏକ ନୂତନ ଚାମ୍ପିଅନ ନିଶ୍ଚିତ ଭାବରେ ମିଳିବ। ଆରସିବି ଏବଂ ପଞ୍ଜାବ କିଙ୍ଗ୍ସର ଦଳ ପ୍ରଥମ ସିଜିନରୁ ଆଇପିଏଲ ଖେଳୁଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ଭାଗ୍ୟରେ ଟ୍ରଫି ଆସିନାହିଁ।ତଥାପି, ଜୁନ୍ ୩ ରେ ଅହମ୍ମଦାବାଦରେ ବର୍ଷା ହେବାର ସମ୍ଭାବନା ଅଛି, ତେଣୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ସମ୍ଭାବନା ଅଛି ଯଦି ବର୍ଷା ଯୋଗୁଁ ମ୍ୟାଚ୍ ନ ହୁଏ, ତେବେ କାହାକୁ ଟ୍ରଫି ଦିଆଯିବ, ଆସନ୍ତୁ ଜାଣିବା।ମ୍ୟାଚ୍ ପାଇଁ ଅତିରିକ୍ତ ୧୨୦ ମିନିଟ୍ ବାହାର କରାଯାଇଛି, ଯାହା ଦ୍ୱାରା ଯଦି ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୁଏ କିମ୍ବା ମଝିରେ ବନ୍ଦ ହୁଏ, ତେବେ ଏହା ଅତିରିକ୍ତ ସମୟରେ କରାଯାଇପାରିବ।କେବଳ ଏତିକି ନୁହେଁ, ବିସିସିଆଇ ଫାଇନାଲ ପାଇଁ ଏକ ରିଜର୍ଭ ଡେ ମଧ୍ୟ ରଖିଛି, ଅର୍ଥା ଯଦି ଫାଇନାଲ୍ ୩ ଜୁନ୍ ରେ ନ ହୁଏ , ତେବେ ମ୍ୟାଚ୍ ୪ ଜୁନ୍ ରେ ମଧ ଖେଳାଯାଇପାରିବ ରିଜର୍ଭଡେ ରେ ୧୨୦ ମିନିଟ୍ ର ଅତିରିକ୍ତ ସମୟ ମଧ୍ୟ ରଖାଯାଇଛି। ଆପଣଙ୍କୁ ମନେ ପକାଇ ଦେଉଛୁ ଯେ ଲିଗ୍ ପର୍ଯ୍ୟାୟରେ ୧୪ଟି ମ୍ୟାଚ୍ ଖେଳିବା ପରେ, ପଞ୍ଜାବ କିଙ୍ଗସ ଏବଂ ଆରସିବି ସମାନ ୯ଟି ମ୍ୟାଚ୍ ଜିତିଥିଲେ। ଉଭୟଙ୍କ ପଏଣ୍ଟ ୧୯, କିନ୍ତୁ ନେଟ୍ ରନ୍ ରେଟ୍ ଆଧାରରେ ଦେଖାଗଲେ, ପଞ୍ଜାବର ଦଳ ମ୍ୟାଚ୍ ଜିତିବ। ପଞ୍ଜାବର ନେଟ୍ ରନ୍ ରେଟ୍ ୦.୩୭୨ ଏବଂ ଆରସିବିର ୦.୩୦୧ ତଥାପି, ଆମେ ଆପଣଙ୍କୁ ପୁଣି ଥରେ କହିଦେଉଛୁ ଯେ ଏସବୁ ସେତେବେଳେ କରାଯିବ। ଯେତେବେଳେ ମ୍ୟାଚ୍ ଲଗାତାର ଦୁଇ ଦିନ ପାଇଁ ପାଞ୍ଚ ଓଭର ପାଇଁ ମଧ୍ୟ ଖେଳାଯାଇପାରିବ ନାହିଁ। ଯଦି ମ୍ୟାଚ୍ ହୁଏ ତେବେ ଯେଉଁ ଦଳ ଭଲ ଖେଳିବ ତାକୁ ଚାମ୍ପିଅନ୍ କୁହାଯିବ।

# ବିରାଟ କୋହଲିଙ୍କୁ ବିସିସିଆଇ ବରିଷ୍ଠ ଅଧିକାରୀଙ୍କ ଅନୁରୋଧ

ମୁମ୍ବାଇ, ୨।୬: ଟେଷ୍ଟ କ୍ରିକେଟରୁ ବିରାଟ କୋହଲିଙ୍କ ଅବସରକୁ ଗ୍ରହଣ କରିପାରୁନାହାଁନ୍ତି ଦର୍ଶକ । କେବଳ ଦର୍ଶକ ନୁହେଁ କିଛି ବିସିସିଆଇ ଅଧିକାରୀ ବି ନିଷ୍ପତ୍ତିରେ ଦୁଃଖିତ। ସେମାନେ ଭୟ କରୁଛନ୍ତି ଯେ ଆଇପିଏଲ ଟାଇଟଲ ଜିତିବା ପରେ କାଲି ବିରାଟ କୋହଲି କିଛି ବଡ଼ ପଦକ୍ଷେପ ନେଇପାରନ୍ତି । ସେମାନେ ଏ ସମ୍ପର୍କରେ ବିରାଟ କୋହଲିଙ୍କୁ ଏକ ବିଶେଷ ଆବେଦନ କରିଛନ୍ତି ।

ଆଇପିଏଲ ଚେୟାରମ୍ୟାନ୍ ଅରୁଣ ସିଂହ ଧୂମଲ୍ ବିରାଟ କୋହଲିଙ୍କ ଟେଷ୍ଟ କ୍ରିକେଟରୁ ଅବସର ନେଇ ବହୁତ ଦୁଃଖିତ। ସେ ଏହା ପୁନଃବିଚାର କରିବାକୁ କୋହଲିଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ବିରାଟ କୋହଲି କ୍ରିକେଟକୁ ସେତିକି ଭଲ ପାଆନ୍ତି। ଯେପରି ରୋଜର ଫେଡେରର୍ ଏବଂ ନୋଭାକ୍ ଜୋକୋଭିଚ୍ ଟେନିସ୍‌କୁ ଭଲ ପାଆନ୍ତି।ଆଇପିଏଲ ଚେୟାରମ୍ୟାନ୍ ଆହୁରି ବି କହିଛନ୍ତି ଯେ ଆମେ ଭୟ କରୁଛୁ ଯେ ଯଦି ଆରସିବି ଏଥର ଟ୍ରଫି ଜିତିବାରେ ସଫଳ ହୁଏ, ତେବେ ବିରାଟ କୋହଲି ଏଥିରୁ ମଧ୍ୟ ଅବସର ନେଇପାରନ୍ତି।ମୁଁ ତାଙ୍କୁ ଏପରି ନ କରିବାକୁ ଅନୁରୋଧ କରିବି।

ଏକ ସାକ୍ଷାତକାର ସମୟରେ ଧୂମଲ୍ କହିଥିଲେ, ବିରାଟ କୋହଲିଙ୍କ ଫିଟନେସ୍ ବର୍ତ୍ତମାନ ବହୁତ ଭଲ ଅଛି। ମୁଁ ଚାହେଁ ସେ ଟେଷ୍ଟରେ ଖେଳିବା ଜାରି ରଖନ୍ତୁ। ଏହା ସହିତ, ମୁଁ ଚାହେଁ ଯେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବାର ନିଷ୍ପତ୍ତିକୁ ପୁନର୍ବିଚାର କରନ୍ତୁ। ବିରାଟ କୋହଲି ୨୦୨୫ ମଝିରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଅଧକ୍ଷ ଏହି ଲିଗ୍ ବିଷୟରେ ଏକ ବଡ଼ ଖୁଲାସା କରିଛନ୍ତି ସେ କହିଛନ୍ତି ଯେ ବର୍ତ୍ତମାନ ଏହି ଲିଗରେ ଅଧିକ ଦଳ ଯୋଡିବାର କୌଣସି ଯୋଜନା ନାହିଁ। ସେ କହିଛନ୍ତି ଯେ ଏହି ଲିଗ୍ ଚମତ୍କାର ଭାବରେ ଚାଲିଛି, ଏଥିରେ ବର୍ତ୍ତମାନ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଅରୁଣ ସିଂହ ଧୂମଲ୍ କହିଛନ୍ତି, ଏହି ସିଜିନରେ ଫାଇନାଲରେ ପହଞ୍ଚିଛି। ଆମେ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିଛୁ । ଯେତେବେଳେ କୌଣସି ଦଳ ଟ୍ରଫି ଜିତିବ। ଫାଇନାଲରେ, କ୍ୱାଲିଫାୟର୍-୨ର ବିଜେତା ସହିତ ମୁକାବିଲା କରିବ ଏହି ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ।

# ଦିନିକିଆକୁ ଅଲ୍‌ବିଦା କହିଲେ ମ୍ୟାକ୍ସୱେଲ୍

ମେଲବୋର୍ଣ୍ଣ, ୨।୬: ଅପ୍ରତ୍ୟାଶିତ ଢଙ୍ଗରେ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ। ଟି-୨୦ କ୍ରିକେଟ ଉପରେ ଫୋକସ କରିବା ପାଇଁ ସେ ଏପରି ନିଷ୍ପତ୍ତି ନେଇଛନ୍ତି।୨୦୨୬ରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବ। ଏଥିପାଇଁ ମ୍ୟାକ୍ସୱେଲ ଏବେଠାରୁ ପ୍ରସ୍ତୁତ ହେବାକୁ ଚାହୁଁଥିବା କହିଛନ୍ତି। ମ୍ୟାକ୍ସୱେଲ ଶେଷ ଥର ପାଇଁ ଦିନିକିଆ କ୍ରିକେଟ ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଖେଳିଥିଲେ। ଅଷ୍ଟ୍ରେଲିଆ ଚାମ୍ପିୟନ୍ସ ଟ୍ରଫିର ସେମି ଫାଇନାଲରୁ ବିଦାୟ ନେଇଥିଲା।




ମ୍ୟାକ୍ସୱେଲ ଅଷ୍ଟ୍ରେଲିଆ ପାଇଁ ୧୪୯ଟି ଦିନିକିଆ ମ୍ୟାଚ୍ ଖେଳି ୩୯୯୦ ରନ କରିଛନ୍ତି।ତାଙ୍କ ବ୍ୟାଟିଂ ହାର ୩୩.୮୧ ରହିଥିଲା। ଏହା ମଧ୍ୟରେ ୪ଟି ଶତକ ଓ ୨୩ଟି ଅର୍ଦ୍ଧଶତକ ରହିଛି।ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ମ୍ୟାକ୍ସୱେଲ ଦିନିକିଆ କ୍ରିକେଟରେ ୭୭ଟି ୱିକେଟ ନେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ସମୟରେ ସେ ବ୍ୟାଟରଙ୍କୁ ମାତ ଦେବାରେ ସକ୍ଷମ ହେଉଥିଲେ।

ମ୍ୟାକ୍ସଲେ ଅଷ୍ଟ୍ରେଲିଆର ୨୦୧୫ ଓ ୨୦୨୩ ଦିନିକିଅ। ବିଶ୍ୱକପ ଜିତିଥିବା ଦଳରେ ଥିଲେ ଉଭୟ ବିଶ୍ୱକପରେ ତାଙ୍କ ବ୍ୟାଟରୁ ଜବରଦସ୍ତ ରନ ବାହାରିଥିଲା। ୨୦୨୩ ବିଶ୍ୱକପରେ ସେ ଆଫଗାନିସ୍ତାନ ବିପକ୍ଷରେ ଖେଳିଥିବା ଅପରାଜିତ ୨୦୧ ରନର ଇନିଂସ ଏବେ ବି ସମସ୍ତଙ୍କର ମନେ ଅଛି।ଆହତ ସମସ୍ୟା ସତ୍ତ୍ୱେ ସେ ୧୨୮ ବଲରେ ୨୧ଟି ଚୌକା ଓ ୧୦ଟି ଛକା ବଳରେ ଅପରାଜିତ ୨୦୧ ରନ କରିଥିଲେ। ଦିନିକିଆ କ୍ରିକେଟ ଦ୍ୱିତୀୟ ଇନିଂସ ଦ୍ୱିଶତକ ହାସଲ କରିବାରେ ମ୍ୟାକ୍ସଲେ ବିଶ୍ୱର ପ୍ରଥମ କ୍ରିକେଟର ବନିଥିଲେ। ଉକ୍ତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ। ୨୯୨ ରନର ପିଛା କରୁଥିବା ବେଳେ ୭ ୱିକେଟ ହରାଇ ୯୧ ରନ କରିଥିଲା। ଏହି ସମୟରେ ମ୍ୟାକ୍ସୱେଲ ୨୦୧ ରନର ଇନିଂସ ଖେଳି ଦଳକୁ ଅପ୍ରତ୍ୟାଶିତ ବିଜୟ ଭେଟି ଦେଇଥିଲେ। ୨୦୨୩ରେ ମ୍ୟାକ୍ସୱେଲ ନେଦରଲ୍ୟାଣ୍ଡ ବିପକ୍ଷରେ ୪୦ ବଲରେ ଶତକ ହାସଲ କରି ବିଶ୍ୱକପରେ ଦ୍ରୁତତମ ସେଞ୍ଚୁରୀଧାରୀ ହେବାର ରେକର୍ଡ କରିଥିଲେ।

# ସବୁ ଫର୍ମାଟରୁ ଅବସର ନେଲେ କ୍ଲାସେନ

ନୂଆଦିଲ୍ଲୀ, ୨।୬: ନିକଟରେ ଆଇପିଏଲ ଖେଳି ବିସ୍ଫୋରକ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନ ବଡ଼ ଘୋଷଣା କରିଛନ୍ତି। ମାତ୍ର ୩୩ ବର୍ଷ ବୟସରେ ସେ ସମସ୍ତଙ୍କୁ ଚକିତ କରି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ଯାଇଛନ୍ତି। ଏହାର ଅର୍ଥ କ୍ଲାସେନ ଆଉ ଦକ୍ଷିଣ ଆଫ୍ରିକା ପାଇଁ କ୍ରିକେଟର କୌଣସି ବି ଫର୍ମାଟରେ ନଜର ଆସିବେ ନାହିଁ।ପରିବାର ସହ ଅଧିକ ସମୟ ବିତାଇବା ପାଇଁ ଏପରି ଅବସର ଜରୁରୀ ଥିଲା ବୋଲି କ୍ଲାସେନ କହିଛନ୍ତି।



ପୂର୍ବରୁ କ୍ଲାସେନ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ନିଜ ଦେଶ ପାଇଁ ସେ କେବଳ ୪ଟି ଟେଷ୍ଟ ଖେଳିଛନ୍ତି।ଧଳା ବଲ କ୍ରିକେଟରେ ଫୋକସ କରିବା ପାଇଁ ସେ ଏପରି ନିଷ୍ପତ୍ତି ନେଇଥିଲେ। ଦକ୍ଷିଣ ଆଫ୍ରିକାର ଉଭୟ ଦିନିକିଅ। ଓ ଟି-୨୦ ଟିମରେ କ୍ଲାସେନ ଜଣେ ସକ୍ରିୟ ସଦସ୍ୟ।

ଶେଷଥର ପାଇଁ ତାଙ୍କୁ ୨୦୨୫ ଚାମ୍ପିୟନ୍ସ ଟ୍ରଫି ସେମି ଫାଇନାଲରେ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ନ୍ୟୁଜିଲ୍ୟାଣ୍ଡ ଠାରୁ ହାରିଥିଲା। ୨୦୨୪ ଟି-୨୦ ବିଶ୍ୱକପ ଫାଇନାଲରେ କ୍ଲାସେନ ଭାରତ ବିପକ୍ଷରେ ବିସ୍ଫୋରକ ଇନିଂସ ଖେଳିଥିଲେ ହେଁ ଦେଶକୁ ଟ୍ରଫି ଦେଇ ପାରି ନଥିଲେ।

ଚାମ୍ପିୟନ୍ସ ଟ୍ରଫି ପରେ ସେ ଭାରତ ଆସିବା ସହ ସନ ରାଇଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲରେ ଖେଳିଥିଲେ। ମେଗା ଅକ୍ସନ ପୂର୍ବରୁ କ୍ଲାସେନଙ୍କୁ ରେକର୍ଡ ୨୩ କୋଟି ଟଙ୍କା ବଳରେ ହାଇଦ୍ରାବାଦ ରି-ଟେନ କରିଥିଲା। ସେ ରି-ଟେନ ହୋଇଥିବା ଷ୍ଟାର ଖେଳାଳିଙ୍କ ମଧ୍ୟରେ ସବୁଠାରୁ ଦାମୀ ହେବାର ରେକର୍ଡ କରିଥିଲେ।

କ୍ଲାସେନ କହିଛନ୍ତି, ଆଜି ମୋ ପାଇଁ ଗୋଟିଏ ଦୁଃଖର ଦିନ। କାରଣ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରୁଛି।ମୋ ପାଇଁ ଓ ମୋ ପରିବାରର ଭବିଷ୍ୟତ ପାଇଁ କେଉଁଟା ଭଲ, ତାକୁ ବିଚାରକୁ ନେଇ ମୁଁ ଏପରି ନିଷ୍ପତ୍ତି ନେଇଛି।ଏହା ନିଶ୍ଚିତ ଭାବେ ଗୋଟିଏ କଷ୍ଟକର ନିଷ୍ପତ୍ତି ଥିଲା।କିନ୍ତୁ ମୋତେ ଭବିଷ୍ୟତ କଥା ମଧ୍ୟ ସମାନ ସମୟରେ ବିଚାର କରିବାକୁ ପଡ଼ିଥିଲା। କ୍ଲାସେନ ନିଜର ପୁରୁଣା ସ୍ମୃତି ସମ୍ପର୍କରେ କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୨୦୧୮ ମସିହାରେ କ୍ଲାସେନ ଅନ୍ତର୍ଜାତୀୟ ସ୍ତରରେ ଡେବ୍ୟୁ କରିଥିଲେ। ସେ ଦକ୍ଷିଣ ଆଫ୍ରିକା ପାଇଁ ୬୦ଟି ଦିନିକିଆ ଓ ୫୮ଟି ଟି-୨୦ ଖେଳିଛନ୍ତି।ଦିନିକିଆରେ ୨୧୪୧ ରନ ଓ ଟି-୨୦ରେ ତାଙ୍କ ବ୍ୟାଟରୁ ୧ ହଜାର ରନ ବାହାରିଥିଲା। ୫୦ ଓଭର ଫର୍ମାଟରେ କ୍ଲାସେନ ୪ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ମାରିଥିବା ବେଳେ ଟି-୨୦ରେ ୫ଟି ଅର୍ଦ୍ଧଶତକ ତାଙ୍କ ନାଁରେ ରହିଛି।

### ଜଟଣୀ କ୍ରିକେଟ ଏକାଡେମୀ ୧୬ ବର୍ଷ ରୁ କମ ଟୁର୍ଣ୍ଣାମେଣ୍ଟ

# ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଚମ୍ପିୟାନ

ଖୋର୍ଦ୍ଧା, ୨।୬:ଜଟଣୀ କ୍ରିକେଟ ଏକାଡେମୀ ପକ୍ଷରୁ ୧୬ ବର୍ଷରୁ କମ ବର୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଜଟଣୀ କଲେଜ ପଡିଆ। ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ପର୍ଯ୍ୟାୟରେ ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଆର ଅର୍ କ୍ଲବ୍ ପିପିଲି କୁ ହରାଇ ଚମ୍ପିୟାନ ହୋଇଛି। ପ୍ରଥମେ ଟସ୍ ରେ ବିଜୟ ହୋଇ ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭର ରେ ୭ ୱିକେଟ ହରାଇ ୧୨୮ ରନ କରିଥିଲେ। ଜବାବରେ ପିପିଲି ଦଳ ୨୦ ଓଭର ରେ ୯ କେଟ ହରାଇ ମାତ୍ର ୮୪ ରନ କରିଥିଲେ। ଏହି ମ୍ୟାଚ୍ କୁ ୪୪ ରନ ରେ ଜିତି ପ୍ରିନ୍ସ କ୍ଲବ୍ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ଆର ଆର କ୍ଲବ୍ ପିପିଲି ରନର୍ସ ଅପ ହୋଇଛିପ୍ରିନ୍ସ କ୍ଲବ୍ ର ଦିପ୍ତାନୁ ଦାସ ଙ୍କ ୮୦ ରନ ପାଇଁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଛନ୍ତି। ଏହି ମ୍ୟାଚ୍ କୁ ଜେ ପି ସାମନ୍ତରାୟ,ସ୍ମୃତିରଞ୍ଜନ ନାୟକ,ବିଶ୍ ନାଥମ ପରିଚାଳନା କରିଥିଲେ।

ଉଦଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର କୋଷାଧକ୍ଷ ବିକାଶ ପ୍ରଧାନ ,ଯୁବ ସମାଜସେବୀ ତଥା ବିଜୁ ଜନତା ଦଳ ର



ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ମୁଖ୍ୟ ଅତିଥି ଭାବେ ,ଅଜିତ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ,ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି,ସଭାପତି ବେଣୁଧର ଦାସ ବିଶେଷ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବ୍ୟାଟର ଭାବେ ଦିପ୍ତାଂସୁ ଦାସ,ଶ୍ରେଷ୍ଠ ବୋଲର ଭାବେ ଜେମ୍ସ ଲିମା,ଶ୍ରେଷ୍ଠ ଫିଲ୍ଡର ଭାବେ ଆଦ୍ୱିୟ ବର୍ଦ୍ଧନ, ଶ୍ରେଷ୍ଠ ୱିକେଟ ରକ୍ଷକ ଭାବେ ସରୋଜ ରାଣା ପୁରସ୍କୃତ ହୋଇଛନ୍ତି। କୌଶିକ ମହାନ୍ତି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ।ଏହି ଟୁର୍ଣ୍ଣାମେଣ୍ଟ କୁ ଆୟୋଜକ ଭାବେ ସନ୍ଦୀପ କୁମାର ପାଇକରାୟ ଓ ସନ୍ତୋଷ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ।ଆଗାମୀ ଦିନରେ ଜଟଣୀ କ୍ରିକେଟ ଏକାଡେମୀ ତରଫରୁ ଓ ସିଏ ସହାୟତାରେ ବିଭିନ୍ନ ବୟସ ବର୍ଗର ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ ବୋଲି ବିକାଶ ପ୍ରଧାନ ତାଙ୍କ ଅଭିଭାଷଣ ରେ ପ୍ରକାଶ କରିଥିଲେ। କ୍ୟାପଟେନ ମନ୍ମଥ ରାଉତରାୟ ଜଟଣୀ କ୍ରିକେଟ ଏକାଡେମୀ ର ଏହି ଖେଳ ଆୟୋଜନ କୁ ପ୍ରଶଂସା କରିବା ସହ ଆୟୋଜକ ଙ୍କୁ କୃତଜ୍ଞତା ଜଣାଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ